ଧରିତ୍ରୀ
DHARITRI
December 22-28, 2019 ₹ 2/-

# ଛୁଟିଦିନ



# ଖୁସି ଦେଇ ଖୁସି ପାଉ



୩
ପ୍ରଚ୍ଛଦ ପ୍ରସଙ୍ଗ

ସେମାନଙ୍କ ଅପେକ୍ଷା ଥାଏ ବଡ଼ଦିନକୁ। ସେଥିପାଇଁ ଥାଏ କେତେ ପ୍ରସ୍ତୁତି। ଖୁସି ମନାନ୍ତି, ଖୁସି ବାଣ୍ଟନ୍ତି। ତେବେ ଏ ଖୁସି ତାଙ୍କର ଅନ୍ୟକୁ ଖୁସି ଦେବାରେ। ସେଥିରେ ହିଁ ତାଙ୍କର ଆନନ୍ଦ। ସେଥିରେ ହିଁ ତାଙ୍କର ଆତ୍ମତୃପ୍ତି। ଆମେ ଏମିତି କିଛି ଯୁବଗୋଷ୍ଠୀଙ୍କ ସମ୍ପର୍କରେ କହୁଛୁ ଯେଉଁମାନେ ହୋଟେଲ ଯାଇ, ପିକ୍‌ନିକ୍ କରି ବଡଦିନକୁ ଉପଭୋଗ କରିବା ପରିବର୍ତ୍ତେ ଅସହାୟ, ଗରିବ ଆଉ ଛୋଟ ଛୋଟ ପିଲାଙ୍କୁ ଉପହାର ଦେଇ ତାଙ୍କରି ଖୁସିରେ ଖୁସି ହୁଅନ୍ତି...



ସହରଠୁ ଦୂର
୧୩



୮/୯
ସିନେମା

# କ୍ରିସ୍‌ମାସ୍ ଗିଫ୍ଟ

**କ୍ରିସ୍‌ମାସ୍ ଅବସରରେ ନିଜ ପ୍ରିୟଜନଙ୍କୁ ଶୁଭେଚ୍ଛା ଜଣାଇ କିଛି ଉପହାର ଭେଟି ଦେବାର ପରମ୍ପରା ରହିଛି। ତେବେ ଏହି ଅବସରରେ କ'ଣ ସବୁ ଉପହାର ଦେଇପାରିବେ ସେ ସମ୍ପର୍କରେ...**

* ଏହି ଅବସରରେ ଫୁଲତୋଡା ବା ବୁକେ ହେଉଛି ସବୁଠାରୁ ଭଲ ଗିଫ୍ଟ ଅପ୍ସନ। ରଙ୍ଗିନ ଫୁଲର ବୁକେ ଉପହାର ସମସ୍ତଙ୍କୁ ଭଲ ଲାଗିଥାଏ।

* ବୁକେ ସହ କ୍ରିସ୍‌ମାସ୍ ଗ୍ରିଟିଙ୍ଗ୍ସ କାର୍ଡ ମଧ୍ୟ ଦେଇପାରିବେ। କାର୍ଡରେ କିଛି ସୁନ୍ଦର ମେସେଜ ଲେଖି ପ୍ରିୟଜନଙ୍କୁ ଗିଫ୍ଟ କରିପାରିବେ।

* କଲର୍‌ଫୁଲ୍ ଚକୋଲେଟ୍ ମଧ୍ୟ



ଏହି ଅବସରରେ ଗିଫ୍ଟ କରିପାରିବେ। ଆପଣ ଚାହିଁଲେ ଘରେ ବିଭିନ୍ନ ଡ୍ରାଏଫ୍ରୁଟ୍ସ ଚକୋଲେଟ୍ ପ୍ରସ୍ତୁତ କରି ରଙ୍ଗିନ ଜରିରେ ପ୍ୟାକ୍ କରି ଦେଇପାରିବେ।

* ଏହି ଅବସରରେ ବଜାରରେ ମିଳୁଥିବା ବିଭିନ୍ନ କୁକିଜ୍ ଗିଫ୍ଟ ଆକାରରେ ଦେଇପାରିବେ। ଚାହିଁଲେ ବିଭିନ୍ନ ଫ୍ଲେଭର୍‌ର ହାତ ତିଆରି କୁକିଜ୍‌କୁ ଗିଫ୍ଟ ବକ୍ସରେ ପ୍ୟାକ କରି ଗିଫ୍ଟ କରିପାରିବେ।

* ଖାସ୍ କ୍ରିସ୍‌ମାସ୍ ପାଇଁ ବିଭିନ୍ନ ପ୍ରକାରର ଡେକୋରେଟିଭ ଏବଂ ସେଣ୍ଟେଡ କ୍ୟାଣ୍ଡେଲ ଉପଲବ୍ଧ ହେଉଛି। ଏହାକୁ ମଧ୍ୟ ଆପଣ ଦେଇପାରିବେ।

* ସାଙ୍ଗମାନଙ୍କ ପସନ୍ଦ ମୁତାବକ ତାଙ୍କୁ ଡିଜାଇନର ସ୍କାର୍ଫ ଗିଫ୍ଟ କରିପାରିବେ।

*ଖାସ ମହିଳାମାନଙ୍କୁ ଏହି ଅବସରରେ ତାଙ୍କ ପସନ୍ଦ ମୁତାବକ ବିୟୁଟି ପ୍ରଡକ୍ଟ ଉପହାର ସ୍ୱରୂପ ଦେଇପାରିବେ।

* କ୍ରିସ୍‌ମାସ୍ ଥିମ୍‌କୁ ନେଇ ବିଭିନ୍ନ ଗୁଡିଜ୍ ଯଥା ମ୍ୟାଗନେଟ୍ ଷ୍ଟିକର୍, କି' ରିଙ୍ଗ୍, ମୋବାଇଲ୍ କଭର୍, ୱାର୍ମ ସକ୍ସ ଆଦି ମାର୍କେଟରେ ଉପଲବ୍ଧ ହେଉଛି। ଆପଣ ଚାହିଁଲେ ଏହି ସବୁ ଜିନିଷ ଉପହାର ସ୍ୱରୂପ ଦେଇପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୨-୨୮

**ମେଷ:** ଆରୋଗ୍ୟ ଲାଭ, ନୂତନ କାର୍ଯ୍ୟାରମ୍ଭ, ଯାତ୍ରାରେ କ୍ଷତି, ଆଲୋଚନାରେ ବିଫଳତା, ସନ୍ତାନଙ୍କ ବିଶୃଙ୍ଖଳା। ଶୁଭକାର୍ଯ୍ୟ କରଣ, ବନ୍ଧୁମିଳନ, ଅର୍ଥ ଓ ସମ୍ମାନ ଲାଭ, ନୂତନ ସମ୍ପର୍କ, ପଡ଼ୋଶୀଙ୍କ ସହାନୁଭୂତି, ସମସ୍ୟା ସମାଧାନ, ନିର୍ମାଣରେ ବାଧା।

**ବୃଷ:** ଦୂରଯାତ୍ରା, ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ଆନୁଷ୍ଠାନିକ ତତ୍ପରତା, ଅର୍ଥ ସମ୍ପଦ ପ୍ରାପ୍ତି। କାମଗୁଡ଼ିକ ଅଟକିବ, ମାନସିକ ଅଶାନ୍ତି, ଲୋକ ସମ୍ପର୍କ କମିବ, ବନ୍ଧୁମିଳନ। ଦେବ ଦର୍ଶନ, ଭ୍ରମଣ ସୁଯୋଗ।

**ମିଥୁନ:** ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, କାର୍ଯ୍ୟସିଦ୍ଧି, ସନ୍ତାନ ବତ୍ସଳତା, ବନ୍ଧୁ ମନାନ୍ତର, ପଡ଼ୋଶୀଙ୍କ ଅସହଯୋଗ। ମାନସିକ ଅବସାଦ, ଆରୋଗ୍ୟଲାଭ, ଅର୍ଥଲାଭ, ଆନୁଷ୍ଠାନିକ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି। ଛୋଟକଥାରୁ କଳହ।

**କର୍କଟ:** ମାନସିକ ପ୍ରଫୁଲ୍ଲତା, ନୂତନ କର୍ମାରମ୍ଭ, ପାରିବାରିକ ଶାନ୍ତି, ଆପୋସ ମିଳାମିଶା। ଭୋଗବିଳାସ, ସମ୍ପର୍କ ଯୋଡ଼ିବେ, ବ୍ୟୟବୃଦ୍ଧି, କର୍ମଧାରାରେ ପରିବର୍ତ୍ତନ, ପାରିବାରିକ ସମର୍ଥନ, ବ୍ୟବସାୟିକ ସଫଳତା।

**ସିଂହ:** ସ୍ୱାସ୍ଥ୍ୟହାନି, ପଡ଼ୋଶୀଙ୍କ କଟୂକ୍ତି, ପାରିବାରିକ ଅଶାନ୍ତି, ଅପ୍ରିୟ ସତ୍ୟରୁ କଳହ। ଘର ସାଜସଜ୍ଜା, ଭ୍ରମଣସୁଖ, ସହକର୍ମୀଙ୍କ ବଦାନ୍ୟତା, ବାଣିଜ୍ୟରେ ଉନ୍ନତି, ମାମଲାରେ ଜିତାପଟ, ଋଣଗ୍ରସ୍ତ ହେବେ, ଯାତ୍ରା ସ୍ଥଗିତ ରହିବ।

**କନ୍ୟା:** କର୍ମକ୍ଷେତ୍ରରେ ଗୌରବ, ଋଣ ପରିଶୋଧ, ବାଣିଜ୍ୟରେ ଉନ୍ନତି, ପରିବାରର ସହଯୋଗ, ସଙ୍ଗୀତ, ଚଳଚ୍ଚିତ୍ରରୁ ସୁନାମ, ଧର୍ମକାର୍ଯ୍ୟ, ବନ୍ଧୁମିଳନ, ଯାନ୍ତ୍ରିକ ଦ୍ରବ୍ୟଲାଭ, ସନ୍ତାନଙ୍କ ସମସ୍ୟା, ପରୀକ୍ଷାରେ ସଫଳତା।

**ତୁଳା:** ନୂତନ ପ୍ରକଳ୍ପାରମ୍ଭ, ଶେୟାର ବଜାରରେ ଉନ୍ନତି, ବନ୍ଧୁଙ୍କ ପ୍ରେରଣା, କୂଟନୈତିକ ସଫଳତା। ଅର୍ଥନୈତିକ ଅଭିବୃଦ୍ଧି, ଏଜେନ୍ସିପ୍‌ରେ ଉନ୍ନତି, ନୂତନ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ, ଶୁଭଖବର ପ୍ରାପ୍ତି,ବିଦେଶଯାତ୍ରା।

**ବିଛା:** ଅର୍ଥସମ୍ମାନ ଲାଭ, ଉଦ୍ୟମରେ ସଫଳତା, କ୍ଲାନ୍ତିବୋଧ, ଦେବାର୍ଚ୍ଚନା, ଦୂରଯାତ୍ରା, ମାଙ୍ଗଳିକ ଉତ୍ସବ, ସାମ୍ବାଦିକତାରୁ ଗୌରବ। ବନ୍ଧୁଙ୍କ ସହାନୁଭୂତି, ଶିଳ୍ପ, ବାଣିଜ୍ୟରେ ଉନ୍ନତି, ଅବକାରୀ ସମସ୍ୟା, ସ୍ୱାସ୍ଥ୍ୟହାନି, ପାର୍ଟି ପିକ୍‌ନିକ୍‌ର ମଉକା।

**ଧନୁ:** ଯାତ୍ରାରେ କଳହ, ସ୍ୱାସ୍ଥ୍ୟହାନି, ରାଜକୀୟ ସମ୍ମାନ, ଟେନ୍‌ସନ କମିବ, ମୂଲ୍ୟବାନ୍ ଦ୍ରବ୍ୟଲାଭ, ଶୁଭ ଖବର, ଭୁଲ୍ ବୁଝାମଣା, ବାଣିଜ୍ୟରେ ଉନ୍ନତି। ଭ୍ରାତୃ ସମ୍ପର୍କ ବୃଦ୍ଧି, ଧାତୁ ଅଳଙ୍କାର ଲାଭ, ପରିବାର ସହ ଯାତ୍ରା, କଳାପ୍ରିୟ ହେବେ।

**ମକର:** ମାନସିକ ପ୍ରଫୁଲ୍ଲତା, ପରିସ୍ଥିତିକୁ ସଜାଡ଼ିବେ। ସହଯୋଗ ମିଳିବ, ବ୍ୟବସାୟରେ ପ୍ରତିବନ୍ଧକ, ଚାକିରି ଅଫର୍ ପାଇବେ, ବିବାଦର ଅବସାନ। ବନ୍ଧୁଙ୍କ ଓଲଟା ବୁଝାମଣା, କଳା ପ୍ରିୟ ହେବେ, ନୂତନ କର୍ମାରମ୍ଭ।

**କୁମ୍ଭ:** ଦୈହିକ ସୁସ୍ଥତା, ଅର୍ଥର ପ୍ରାଚୁର୍ଯ୍ୟ, ବନ୍ଧୁମିଳନ, ପାରିଶ୍ରମିକ ପାଇବେ। ସରକାରୀ ସ୍ତରରୁ ଲାଭ, ପଡ଼ୋଶୀଙ୍କ ଆଦର, ନୂତନ ସମ୍ପର୍କ, ସ୍ତ୍ରୀଙ୍କ ସହ ମତାନ୍ତର, ବିଦେଶ ଯାତ୍ରା, ସଫଳ ଆଲୋଚନା, ମାଙ୍ଗଳିକ କାମ, ଶିକ୍ଷା, ପରୀକ୍ଷାରେ ସଫଳତା।

**ମୀନ:** ମାନସିକ ଅଶାନ୍ତି, ବନ୍ଧୁଙ୍କ ସହାନୁଭୂତି, ଯାତ୍ରାରେ ସଫଳତା, ସଙ୍କଟ ଦୂରହେବ, ଭ୍ରାତୃ ସମ୍ପର୍କରେ ଉନ୍ନତି, ପରିବହନରେ ସଙ୍ଗୀତ ସମାରୋହ, ସନ୍ତାନହେତୁକ ଗୌରବ, ଶତ୍ରୁନାଶ, ମାମଲାରେ ବିଜୟ।

# ସାଣ୍ଟା ଇନ୍ ଦ ସ୍କାଏ

କ୍ରିସ୍‌ମାସ୍ ବା ବଡଦିନ ପାଇଁ ଦେଶ ବିଦେଶ ଚାରିଆଡେ ଏବେ ଉତ୍ସବର ମାହୋଲ। କ୍ରିସ୍‌ମାସ୍ ଟ୍ରି, ରଙ୍ଗିନ ଲାଇଟର ଡେକୋରେଶନ ସାଙ୍ଗକୁ ସ୍ୱତନ୍ତ୍ର ଉତ୍ସବର ଆୟୋଜନ ଲାଗି ପ୍ରାୟ ସମସ୍ତେ ବ୍ୟସ୍ତ। ଠିକ ସେହିଭଳି ମାଲେସିଆର କୁଆଲାଲମ୍ପୁରଠାରେ ଏହି ଅବସରରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ଲାଗି ଏକ ସ୍ୱତନ୍ତ୍ର ରେଷ୍ଟୁରାଣ୍ଟ ଡିନର ବ୍ୟବସ୍ଥା କରିଥାନ୍ତି। 'ସାଣ୍ଟା ଇନ୍ ଦ ସ୍କାଏ' ନାମକ ଏହି ରେଷ୍ଟୁରାଣ୍ଟର ସ୍ୱତନ୍ତ୍ରତା ହେଉଛି ଏହା ଭୂପୃଷ୍ଠଠାରୁ ୧୫୦ ଫୁଟ ଉପରେ ଝୁଲନ୍ତା ଅବସ୍ଥାରେ ରହିଥାଏ। କ୍ରିସ୍‌ମାସ୍ ଅବସରରେ ଏହି ରେଷ୍ଟୁରାଣ୍ଟକୁ ଏକ ସ୍ଲେଜ୍‌ର ଆକାର ଦିଆଯାଏ, ଯାହାକୁ ୪ ଟି ରେନ୍ ଡିୟର ଟାଣିବାର ଭ୍ରମ ମଧ୍ୟ ସୃଷ୍ଟି କରାଯାଇଥାଏ। ୧୬ ସିଟ୍ ବିଶିଷ୍ଟ ଏହି ହ୍ୟାଙ୍ଗିଙ୍ଗ ରେଷ୍ଟୁରାଣ୍ଟରେ ପର୍ଯ୍ୟଟକମାନେ ସାଣ୍ଟାକ୍ଲଜ୍ ସହ ସ୍ପେଶିଆଲ କ୍ରିସ୍‌ମାସ୍



ଡିନର୍‌ର ମଜା ନେଇପାରିବେ। କେବଳ ସେତିକି ନୁହେଁ ଏହି ରାତ୍ରିଭୋଜନ ସମୟରେ ଗ୍ରାହକଙ୍କ ମନୋରଞ୍ଜନ ଲାଗି ମ୍ୟୁଜିସିଆନମାନେ ଲାଇଭ କ୍ରିସ୍‌ମାସ୍ କ୍ୟାରୋଲ ବା ଗୀତ ପରିବେଷଣ କରିଥାନ୍ତି।

# ପାଠକୀୟ

■ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ଯେକୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ ବୋଲି ମଣିଷ ବାରମ୍ବାର ପ୍ରମାଣ ଦେଇଆସିଛି। ଏଇ ଯେମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ପାଦ ବଦଳରେ କେବଳ ହାତରେ ଚାଲିନାହାନ୍ତି ଏପରି ଅନେକ କାମ ବି କରିଛନ୍ତି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। ସେମିତି କେତେଜଣ ରେକର୍ଡ ନିଶା ପାଇଁ ପାଦ ବଦଳରେ ହାତରେ ଚାଲୁଥିବା ବ୍ୟକ୍ତିତ୍ୱଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ପ୍ରେରଣାଦାୟୀ ଥିଲା। 'ପର୍ସରେ ରଖନ୍ତୁ ନାହିଁ' ଏବଂ 'ସବୁଠାରୁ ଦାମୀ ଜୋତା' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ମନୋଜ ବିଶ୍ୱାଳ, ନାଉଗାଁ, ଜଗତ୍‌ସିଂହପୁର*

■ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ରେକର୍ଡ ନିଶା : ପାଦରେ ନୁହେଁ ଚାଲନ୍ତି ହାତରେ' ଟିର ଶେଷଧାଡ଼ି 'ଇଚ୍ଛାଶକ୍ତି ଓ କଠିନ ଅଧ୍ୟବସାୟ ବଳରେ ଯେକୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ' ଅତ୍ୟନ୍ତ ଭାବଗର୍ଭକ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ କଣ୍ଠଶିଳ୍ପୀ କବିତା କ୍ରିଷ୍ଣମୂର୍ତ୍ତିଙ୍କ ବିଷୟରେ ବହୁତ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। କାର୍ଟୁନ କର୍ନର ବି ବହୁତ ଭଲ ଲାଗୁଛି।

*–ଅରୁଣ ନାୟକ, ମାନସ ଯେନା, ଏରେଇଁ, ଚରମ୍ପା, ଭଦ୍ରକ*

■ ସୃଜନ ପୃଷ୍ଠାରେ ସ୍ଥାନିତ 'କଥା ତ ଏତିକି' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ସମୟାନୁବର୍ତ୍ତୀ ଦୀପିକା', 'ମେନେ ପ୍ୟାର୍ କିୟା'ର ପ୍ରେମ ପାଇଁ, ମିଳିଗଲେ ଗୁରୁ ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ସାମାଜିକ କର୍ମୀ ଡ. ସୁଶାନ୍ତ ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁପାରିଥିଲା।

*–ଡୁଡୁନ ବିଶୋଇ, ବାଦାମବାଡ଼ି, କଟକ*

■ 'ବିବିଧ ଶିଳ୍ପୀ ଲଲାଟମୋହନ'ଙ୍କ ଜୀବନକାହାଣୀ ପଢ଼ି ଚଲାପଥରେ ଆଗକୁ ଯିବା ପାଇଁ ଅନେକ ପ୍ରେରଣା ମିଳିଥିଲା। ମଡେଲ୍ ମିରର୍‌ରେ ରଜତ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ତୱାଙ୍ଗ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ନିଜେ ପାଲଟିଛି ନିଜର ସାହାରା' ପାଠଟି ସତରେ ହୃଦୟସ୍ପର୍ଶୀ ଥିଲା।

*–କୁଳମଣି ରାଉତରାୟ, ସମ୍ବଲପୁର*

■ ଯାତ୍ରା ପୃଷ୍ଠାରେ ସ୍ଥାନିତ 'ମିଛରେ ନୁହେଁ; ସେଦିନ ସତରେ କାନ୍ଦିଥିଲି' ଏବଂ 'ଗୀତ ଆଣିଲା ଯାତ୍ରାକୁ' ଆଦି ପାଠଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗାଈଙ୍କ ପାଇଁ ଭର୍ଚୁଆଲ ରିୟଲିଟି ହେଡ୍‌ସେଟ୍', 'ସବୁଠୁ ଷ୍ଟ୍ରଙ୍ଗ୍ ଜ୍ୟାକେଟ୍' ଏବଂ 'ମା'ଙ୍କୁ ସ୍କୁଟରରେ କରାଇଲେ ତୀର୍ଥ ଭ୍ରମଣ' ଆଦି ପାଠଗୁଡ଼ିକରୁ ଅନେକ କଥା ଜାଣିହେଲା।

*–ମାନସୀ ପ୍ରଧାନ, ରାଉରକେଲା*

## ବିଶେଷ ଚିଠି




ବୁଝେନି ଅବୁଝା ମନ
ନ ପଢ଼ିଲେ ଛୁଟିଦିନ,
ଧରିତ୍ରୀର ଏ ସୃଜନ
ଆସେ ରବିବାର ଦିନ।
ଆଣେ ଭଲ ଲେଖାମାନ
କଳେବର ତା' ରଙ୍ଗିନ,
ପରିପାଟୀରେ ଯତନ
ମୋହିନିଏ ସବୁ ମନ।
ପାଠକଙ୍କୁ ନିବେଦନ
ଧରିତ୍ରୀ କର ପଠନ,
ନିଶ୍ଚେ ବୃଦ୍ଧି ହେବ ଜ୍ଞାନ
ସଫଳ ହେବ ସପନ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଖୁସି ଦେଇ ଖୁସି ପାଇ



ସବୁଜ ବାହିନୀର ସଦସ୍ୟମାନେ।

ସେମାନଙ୍କ ଅପେକ୍ଷା ଥାଏ ବଡ଼ଦିନକୁ। ସେଥିପାଇଁ ଥାଏ କେତେ ପ୍ରସ୍ତୁତି। ଖୁସି ମନାନ୍ତି, ଖୁସି ବାଣ୍ଟନ୍ତି। ତେବେ ଏ ଖୁସି ତାଙ୍କର ଅନ୍ୟକୁ ଖୁସି ଦେବାରେ। ସେଥିରେ ହିଁ ତାଙ୍କର ଆନନ୍ଦ। ସେଥିରେ ହିଁ ତାଙ୍କର ଆତ୍ମତୃପ୍ତି। ଆମେ ଏମିତି କିଛି ଯୁବଗୋଷ୍ଠୀଙ୍କ ସମ୍ପର୍କରେ କହୁଛୁ ଯେଉଁମାନେ ହୋଟେଲ ଯାଇ, ପିକ୍‌ନିକ୍ କରି ବଡଦିନକୁ ଉପଭୋଗ କରିବା ପରିବର୍ତ୍ତେ ଅସହାୟ, ଗରିବ ଆଉ ଛୋଟ ଛୋଟ ପିଲାଙ୍କୁ ଉପହାର ଦେଇ ତାଙ୍କରି ଖୁସିରେ ଖୁସି ହୁଅନ୍ତି। ଆଉ କେହି କେହି ସମାଜର ମଙ୍ଗଳ ପାଇଁ କିଛି ଜନହିତ କାର୍ଯ୍ୟ କରି ଆତ୍ମତୃପ୍ତି ପାଇଥାନ୍ତି। କେହି କେହି ନିଜସ୍ୱ ଉଦ୍ୟମରେ ଏହି କାର୍ଯ୍ୟ କରୁଥିବା ବେଳେ ଆଉ କେହି ଗୋଷ୍ଠୀଗତ ଭାବେ ଏସବୁ କରିଥାନ୍ତି...

**ମାଟି ମା’ ପାଇଁ କରିବୁ କାମ:** ନୂଆଗାଁ ଭୁବନେଶ୍ୱର-୨ର ଯୁବଗୋଷ୍ଠୀମାନଙ୍କ ମିଳିତ ଉଦ୍ୟମରେ ଗଠନ ହୋଇଛି ଆଞ୍ଚଳିକ ବିକାଶ ପରିଷଦ। ଏହି ପରିଷଦରେ ପାଞ୍ଚ ଛଅଟି ପଞ୍ଚାୟତରୁ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି। ଯେଉଁମାନେ ସ୍ୱଇଚ୍ଛାରେ ବିନା ବେତନରେ କାମ କରିପାରିବେ। ସେହିମାନେ ହିଁ ଏହି ପରିଷଦର ସଦସ୍ୟ ରହିପାରିବେ। ଏହି ପରିଷଦର ସଭାପତି ବୃନ୍ଦାବନ ସାହୁ ଥିବାବେଳେ ଉପସଭାପତି ଅଛନ୍ତି ଅକ୍ଷୟ ସ୍ୱାଇଁ । ଅଞ୍ଚଳର ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ବୃକ୍ଷରୋପଣ, ପଲିଥିନ ବର୍ଜନ, ଟ୍ରାଫିକ ସଚେତନତା ଆଦି କାର୍ଯ୍ୟକ୍ରମ ଏହାର ସଭ୍ୟମାନେ କରିଥାନ୍ତି। ଦଳଗତ ନିର୍ବିଶେଷରେ ଯେ କୌଣସି ବୟସର ଲୋକ ଏହାର ସଦସ୍ୟ ହୋଇପାରିବେ। ପ୍ରତ୍ୟେକ ରବିବାର ପରିଷଦର ସଦସ୍ୟମାନେ ସଫେଇ କାର୍ଯ୍ୟକ୍ରମ କରିଥାନ୍ତି। ସଫେଇ ନ ଥିଲେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ଯାହାକିଛି କାର୍ଯ୍ୟକ୍ରମ ହୁଏ ସଭ୍ୟମାନଙ୍କଠାରୁ ଆଦାୟ ଟଙ୍କାରେ ହିଁ ହୁଏ। ଗତବର୍ଷ ସଭ୍ୟଙ୍କ ଚାନ୍ଦାରେ ଇଟିପୁର, ଡିହପୁର, ଟିକରପଡ଼ା, ବସନ୍ତପୁର, ପଳାଶପୁର, ଗଙ୍ଗେଶ୍ୱରପୁର ଆଦି ଗ୍ରାମର ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ୭୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟାଯାଇଥିଲା। ଚଳିତ ବର୍ଷ ପାଇଁ ସଭ୍ୟମାନେ ଯୋଜନା କରିଛନ୍ତି ଡିସେମ୍ବର ୨୫ ତାରିଖରେ ସ୍ଥାନୀୟ ଇଟିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହିତ ମ୍ୟୁନିସିପାଲିଟି ରୋଡ଼ ପାର୍ଶ୍ୱରେ ରହିଥିବା ବିଭିନ୍ନ କଲୋନୀ ରାସ୍ତାଗୁଡିକରେ ସଫେଇ କାର୍ଯ୍ୟକ୍ରମ କରିବେ। ଏହି ପରିଷଦର ମୂଳ ଲକ୍ଷ୍ୟ ହେଉଛି ମାଟି ମା’ ପାଇଁ କାମ କରିବା । ସେଥିପାଇଁ ସେମାନେ ସ୍ୱଇଚ୍ଛାରେ ଶ୍ରମ ଦେଇ ଆବଶ୍ୟକ ବେଳେ ଅର୍ଥ ଦେଇ ଏହି ପ୍ରକାର କାମକରି ଆନନ୍ଦ ପାଇଥାନ୍ତି।



ଉପହାର ବଣ୍ଟନ ଅବସରରେ ଏସ୍. ଜନ୍

**ସେମାନଙ୍କ ଅପେକ୍ଷା ଥାଏ ବଡ଼ଦିନକୁ। ସେଥିପାଇଁ ଥାଏ କେତେ ପ୍ରସ୍ତୁତି। ଖୁସି ମନାନ୍ତି, ଖୁସି ବାଣ୍ଟନ୍ତି। ତେବେ ଏ ଖୁସି ତାଙ୍କର ଅନ୍ୟକୁ ଖୁସି ଦେବାରେ। ସେଥିରେ ହିଁ ତାଙ୍କର ଆନନ୍ଦ। ସେଥିରେ ହିଁ ତାଙ୍କର ଆତ୍ମତୃପ୍ତି। ଆମେ ଏମିତି କିଛି ଯୁବଗୋଷ୍ଠୀଙ୍କ ସମ୍ପର୍କରେ କହୁଛୁ ଯେଉଁମାନେ ହୋଟେଲ ଯାଇ, ପିକ୍‌ନିକ୍ କରି ବଡଦିନକୁ ଉପଭୋଗ କରିବା ପରିବର୍ତ୍ତେ ଅସହାୟ, ଗରିବ ଆଉ ଛୋଟ ଛୋଟ ପିଲାଙ୍କୁ ଉପହାର ଦେଇ ତାଙ୍କରି ଖୁସିରେ ଖୁସି ହୁଅନ୍ତି...**



**ପ୍ରକୃତିର ସୁରକ୍ଷା ପାଇଁ ସଂକଳ୍ପ :** ଏକଦା ଗଞ୍ଜାମ ଜିଲା ସବୁଜ ବନାନୀରେ ଭରପୂର ଥିଲା। ଆଉ ଜଙ୍ଗଲରେ ବହୁ ସଂଖ୍ୟାରେ ବନ୍ୟ ପଶୁପକ୍ଷୀ ଦେଖିବାକୁ ମିଳୁଥିଲେ। ହେଲେ ବିଭିନ୍ନ କାରଣରୁ ଏସବୁ ଦ୍ରୁତ ଗତିରେ କ୍ଷୟ ହେବାରେ ଲାଗିଲା। ଯାହାର ସୁରକ୍ଷା କରିବାକୁ ଅଣ୍ଟା ଭିଡିଲେ ବ୍ରହ୍ମପୁର ସହର କୁକୁଡାହାଣ୍ଡି ବ୍ଲକ ଅନ୍ତର୍ଗତ ଗୁଣ୍ଠବନ୍ଧ ଗ୍ରାମର କିଛି ଯୁବ ସ୍ୱେଚ୍ଛାସେବୀ। ୨୦୧୧ ମସିହାରେ ସେମାନଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହେଲା ଆଞ୍ଚଳିକ ବିକାଶ ପରିଷଦ। ସେବେଠୁ ସେମାନେ ପଶୁପକ୍ଷୀଙ୍କ ସୁରକ୍ଷାଠୁ ଆରମ୍ଭ କରି ପରିମଳ, ବୃକ୍ଷ ରୋପଣ, ସମାଜରୁ କୁସଂସ୍କାର ଦୂର, ରକ୍ତଦାନ ଶିବିର ଆୟୋଜନ, ଅସହାୟଙ୍କ ସେବା ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ କାର୍ଯ୍ୟ କରି ଆସୁଛନ୍ତି। ବିରଳପ୍ରାୟ ପକ୍ଷୀ ଘରଚଟିଆର ସୁରକ୍ଷା ସହ ସେମାନଙ୍କ ସଂଖ୍ୟା ବୃଦ୍ଧି ଲାଗି ସଦସ୍ୟମାନେ ଚାନ୍ଦା ଆଦାୟ କରି ବ୍ରହ୍ମପୁରର ୨୨ ଟି ବ୍ଲକ୍ ସମେତ

→



ଆଞ୍ଚଳିକ ବିକାଶ ପରିଷଦ ବ୍ରହ୍ମପୁରର ସଦସ୍ୟମାନେ ।


ଆଦିବାସୀ ପଲ୍ଲୀର ପିଲାମାନଙ୍କ ସହ ସୁଶାନ୍ତ କୁମାର ସାହୁ।

ମହାନଗରକୁ ମିଶାଇ ପ୍ରାୟ ୩୦ଟି ସ୍ଥାନରେ ମାଟି, ଲାଉ, ପ୍ଲାଏଉଡ୍, ନଡ଼ିଆରେ ପ୍ରାୟ ୨୦୦ଟି କୃତ୍ରିମ ବସା ଏବଂ ୫୦ଟି ଖାଦ୍ୟ ବାକ୍ସ ତିଆରି କରି ପ୍ରତ୍ୟେକଙ୍କ ଘର ଆଗରେ ଖଞ୍ଜିଛନ୍ତି। ସଭାପତି ସାଗର କୁମାର ପାତ୍ର କୁହନ୍ତି, ଆସନ୍ତା ନୂଆବର୍ଷରେ ଘରଚଟିଆ ସୁରକ୍ଷା ଅଭିଯାନ ଅନ୍ୟ ଜିଲ୍ଲାକୁ ବି ବ୍ୟାପକ କରାଯିବାର ଯୋଜନା ରଖିଛୁ। ଏମିତିରେ ତ ଆମ ପରିଷଦ ପକ୍ଷରୁ ସାରା ବର୍ଷ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ଚାଲିଥାଏ, ତେବେ ବଡଦିନ ବା ଖ୍ରୀଷ୍ଟମାସରେ ଆମେ ଏହି କାର୍ଯ୍ୟ ନିଶ୍ଚୟ କରିଥାଉ। ଚଳିତ ବର୍ଷ ପ୍ରକୃତିର ସୁରକ୍ଷା ଲାଗି ବଡଦିନ ହେଉ ଅବା ନୂଆବର୍ଷକୁ ବିଷାକ୍ତ ବାଣ ନ ଫୁଟାଇ ପାଳନ କରିବା ସହ ବୃକ୍ଷ କାଟିବା ପରିବର୍ତ୍ତେ ରୋପଣ କରିବା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ କରିବୁ। ଗଞ୍ଜାମ ଜିଲାରେ ହାତୀ, ଭାଲୁ, କୃଷ୍ଣସାର ମୃଗ, ଅଲିଭ ରିଡ୍ଲେ କଇଁଛ, ମୟୂର, ବାଦୁଡି ଏବଂ ଅନ୍ୟ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ବିଶେଷ କାର୍ଯ୍ୟକ୍ରମ ହାତକୁ ନେବୁ।

**ଅନାଥ ଆଶ୍ରମରେ ପାଳୁ ବଡ଼ଦିନ:** ମାତ୍ର କେତେଜଣ ସଦସ୍ୟଙ୍କୁ ନେଇ ଯାଜପୁର ବ୍ୟାସନଗର ପୌର ପରିଷଦ ତଥା ଯାଜପୁର ରୋଡ୍‌ରେ ଆରମ୍ଭ ହୋଇଥିଲା କ୍ଲବ ଦି ୟୁଥ ମାସ୍। କୌଣସି ସରକାରୀ ପ୍ରୋତ୍ସାହନ ଉପରେ ନିର୍ଭର କରୁ ନ ଥିବା ଏହି କ୍ଲବର ସଦସ୍ୟମାନେ ନିଜର ବହୁମୂଲ୍ୟ ସମୟ ବାହାର କରି ଏମାନେ ବାଳ ଶ୍ରମିକ ଉଦ୍ଧାର, ନିରାଶ୍ରୟମାନଙ୍କୁ ସାହାଯ୍ୟ କରିବାଠାରୁ ଆରମ୍ଭ କରି ପରିବାର ନ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅନ୍ତିମ ସତ୍କାର, କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଆଖପାଖ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ, ମ୍ୟାଲେରିଆ ନିରାକରଣ ଭଳି ବହୁ କାର୍ଯ୍ୟକ୍ରମ ସହ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ କରିଥାନ୍ତି। କ୍ଲବର ସମ୍ପାଦକ ରାଜେଶ କୁମାର ରାଉତ କୁହନ୍ତି, ଆମ କ୍ଲବ୍ ପକ୍ଷରୁ ବିଭିନ୍ନ ପ୍ରକାର ସମାଜଧର୍ମୀ କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ଖ୍ରୀଷ୍ଟମାସ ବା ବଡଦିନରେ ହେଉଥିବା କାର୍ଯ୍ୟକ୍ରମ ସବୁଠୁ ନିଆରା। ଏହିଦିନ ଆମେ ବିଭିନ୍ନ ବସ୍ତି କିମ୍ବା ଅନାଥ ଆଶ୍ରମକୁ ଯାଇ କେକ୍ କାଟିବା ସହ ଖାଦ୍ୟ, କମ୍ବଳ, ସ୍ୱେଟର, ଜୋତା, ବହି, ଖାତା, କଲମ ଇତ୍ୟାଦି ବଣ୍ଟନ କରିଥାଉ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କୃତ ମଧ୍ୟ କରିଥାଉ। ଅନ୍ୟମାନଙ୍କ ଭଳି ସେମାନଙ୍କୁ ମଧ୍ୟ ଏଭଳି ବିଶେଷ ଅବସରଗୁଡ଼ିକର ଭରପୂର ଆନନ୍ଦ ଯୋଗାଇଦେବାକୁ ଚେଷ୍ଟା କରୁ। ଆଉ ଯେତେବେଳେ ସେମାନଙ୍କ ମୁହଁରେ ହସ ଫୁଟିଉଠେ ଯେଉଁ ଆତ୍ମସନ୍ତୋଷ ମିଳେ ତାହା ଭାଷାରେ ପରିପ୍ରକାଶ କରିବା କଷ୍ଟ।

**ସବୁଜ ବାହିନୀ:** ବ୍ରହ୍ମପୁର ସହରର ଶିବରାମ ପାଣିଗ୍ରାହୀ, ରବିନ କୁମାର ସାହୁ, ସନିଆ ଗୌଡ଼, ଶିବରାମ ବେହେରା, ପ୍ରଶାନ୍ତ ଭୂୟାଁ, ଏ. ପ୍ରକାଶ କୁମାର ଏବଂ ଏମ୍. ଦିଲୀପ କୁମାର ପ୍ରମୁଖ କିଛି ଯୁବବନ୍ଧୁଙ୍କର ପ୍ରତିଦିନ ଦେଖା ହୋଇଥାଏ ଏକ ଚା ଖଟିରେ। ଆଉ ବିଭିନ୍ନ ବିଷୟକୁ ନେଇ ଆଲୋଚନା ସମାଲୋଚନା ଚାଲେ। ଥରେ ବୃକ୍ଷ କ୍ଷୟ ଯୋଗୁ ହେଉଥିବା ପରିବେଶ ପ୍ରଦୂଷଣ ଏବଂ ଏହାର ଜୀବ ସମାଜ ଉପରେ ନକାରାତ୍ମକ ପ୍ରଭାବ ସେମାନଙ୍କ ମନରେ ଆଣି ଦେଇଥିଲା ସବୁଜ ସମାଜ ସୃଷ୍ଟି କରିବାର ପ୍ରତିବଦ୍ଧତା । ଆଉ ସେମାନଙ୍କ ମିଳିତ ଉଦ୍ୟମରେ ୨୦୧୬ ଅକ୍ଟୋବର ୨ ତାରିଖ ବା ଗାନ୍ଧୀ ଜୟନ୍ତୀରେ ଜନ୍ମନେଲା 'ସବୁଜ ବାହିନୀ' । ସେବେଠୁ ଏହି ଯୁବ ସଂଗଠନ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ରକ୍ତଦାନ, ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା, ପଲିଥିନ୍ ମୁକ୍ତ ପରିବେଶ ସୃଷ୍ଟି ଭଳି ମହତ୍ କାର୍ଯ୍ୟ ପାଇଁ ସୁଦୂରପ୍ରସାରି ପରିଚୟ ହାସଲ କରିପାରିଛି । କ୍ଲବ୍ ସମ୍ପାଦକ ଏମ୍. ଦିଲୀପ କୁମାରଙ୍କ କହିବାନୁଯାୟୀ, ଆମେ ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ କରିବା ସହ ଏନେଇ ଜନସଚେତନତା କାର୍ଯ୍ୟ କରି ଆସୁଛୁ। ତଥାପି ଗଛ କଟା ବନ୍ଦ ନ ହେବା ଆମକୁ ବହୁ କଷ୍ଟ ଦେଉଛି। ଏଥିପାଇଁ ହେଉଥିବା ପରିବେଶ ପ୍ରଦୂଷଣ ଅନେକ ରୋଗର କାରଣ ସାଜୁଛି। ଲୋକେ ପ୍ରଦୂଷଣ ଯୋଗୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ପାଇ ପାରୁନାହାନ୍ତି। ତେବେ ଏହି ସମସ୍ୟା ଦୂର କରିବା ଲାଗି ଇନ୍‌ଡୋର ଗାର୍ଡେନିଂ ବେଶ୍ ଉପକାରୀ। ଆସନ୍ତା ଖ୍ରୀଷ୍ଟମାସ ଓ ନବବର୍ଷରେ ଆମେ ଏ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ରଖିଛୁ।

**ସେବାରେ ପାଆନ୍ତି ଆନନ୍ଦ:** ଜଟଣୀ ବାଲିଛକ ସାହିର ବାସିନ୍ଦା ଏସ୍. ଜନ୍ । ଭୁବନେଶ୍ୱରସ୍ଥିତ ଏକ ଘରୋଇ ସ୍କୁଲରେ ସେ ଶିକ୍ଷକତା କରନ୍ତି । ଶିକ୍ଷାଦାନ ସହିତ ସାମାଜିକ କାର୍ଯ୍ୟ ମଧ୍ୟ କରନ୍ତି । ଏହି ଦୁଇ କାର୍ଯ୍ୟକୁ ସେ ବ୍ରତ ଭାବେ ଗ୍ରହଣ କରିଛନ୍ତି। ପ୍ରତିବର୍ଷ ଡିସେମ୍ବର ୨୫ ତାରିଖ ଏକ୍ସମାସ୍‌ରେ ଆର୍ଥିକ ଅନଗ୍ରସର ଲୋକଙ୍କୁ କମ୍ବଳ ବଣ୍ଟନ କରନ୍ତି । ଏଥିସହିତ ଗରିବ ବିଦ୍ୟାର୍ଥୀଙ୍କୁ ଖାତା, ପେନ୍‌ସିଲ, ରବର, ବ୍ୟାଗ ଆଦି ପାଠ୍ୟ ଉପକରଣ ମଧ୍ୟ ଦେଇଥାନ୍ତି । ଏକ୍ସମାସ୍ ବ୍ୟତୀତ ଅନ୍ୟଦିନରେ ଦୃଷ୍ଟିହୀନ, ସ୍ୱାମୀ ନ ଥିବା ନିରାଶ୍ରୟା ମହିଳା ଓ ରୋଗୀ ଆଦିଙ୍କୁ ଅଟା, ସୁଜି, ଚୂଡ଼ା ଆଦି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥାନ୍ତି । ବର୍ଷାଦିନେ ଛତା ମଧ୍ୟ ବାଣ୍ଟିଥାନ୍ତି। ମଦର ଟେରେସାଙ୍କ ସେବାମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ୨୦ ବର୍ଷ ହେବ ସେ ଏହି କାର୍ଯ୍ୟ କରିଆସୁଛନ୍ତି । ଏଥିପାଇଁ ସେ ପାଉଥିବା ବେତନରୁ ହିଁ ସେ ସମସ୍ତ ଖର୍ଚ୍ଚ କରିଥାନ୍ତି। ତାଙ୍କର ଏହି କାର୍ଯ୍ୟ ଦେଖି କେତେକ ବଦାନ୍ୟ ବ୍ୟକ୍ତି ମଧ୍ୟ ସହାୟତାର ହାତ ବଢାଇଛନ୍ତି ବୋଲି ସେ କୁହନ୍ତି।

**ଆମ ବଡ଼ଦିନ ସଂକଳ୍ପ:** ଗୋବର୍ଦ୍ଧନ ପ୍ରଧାନ। ଘର ନୂଆଗାଁ, ଘଡିଆମାଳ ଗ୍ରାମପଞ୍ଚାୟତ ରାଜନଗର ବ୍ଲକରେ ବାପା ଗଣେଶ୍ୱର ପ୍ରଧାନ ଓ ମା' କୁସୁମ ଲତା ପ୍ରଧାନ। ଏକାନ୍ନବର୍ତ୍ତୀ ପରିବାରରେ ମା' ବାପା ତିନି ଭାଇ, ତାଙ୍କ ପିଲାମାନଙ୍କ ସହିତ ପତ୍ନୀ ଓ ପୁଅକୁ ନେଇ ତାଙ୍କ ସଂସାର। ଗୋବର୍ଦ୍ଧନ ରେଭେନ୍‌ଶା କଲେଜରୁ ରାଜନୀତି ବିଜ୍ଞାନରେ ଏମ୍ଏ ପାସ କରିବା ପରେ ଏକ ସ୍ୱେଚ୍ଛାସେବୀ ସଂଗଠନରେ କାମ କଲେ। ସେଠାରେ ପ୍ରାୟ ୧୦ ବର୍ଷ କାମ କରିବା ପରେ ୨୦୧୦ ମସିହାରେ ୱାର୍ଲଡ ବ୍ୟାଙ୍କ ପ୍ରୋଜେକ୍ଟ କାପାସିଟି ବିଲ୍‌ଡିଂ କନ୍‌ସଲଟାଣ୍ଟରେ ୨୦୧୭ ପର୍ଯ୍ୟନ୍ତ କାମ କରିବା ପରେ କିଛି ଦିନ ଜାଭିୟର ସ୍କୁଲରେ ପ୍ରିନ୍ସିପାଲ ବି ରହିଥିଲେ। ଏବେ ସେ ସବୁ ଛାଡି 'ଶାନ ୱେଟଲ୍ୟାଣ୍ଡ' ନାମରେ ଏକ ସ୍ୱେଚ୍ଛାସେବୀ ସଂଗଠନ କରିଛନ୍ତି। ତାଙ୍କ ସହିତ ପ୍ରୋଗ୍ରାମ ମ୍ୟାନେଜର ଦେବେନ୍ଦ୍ର ରାଉଳ ଓ ଗାଁର ଦଶପନ୍ଦର ଜଣ ସ୍ୱେଚ୍ଛାସେବୀ ଯୁବକ ବି କାମ କରୁଛନ୍ତି। ଗୋବର୍ଦ୍ଧନ କୁହନ୍ତି, 'ଆମେ ଜୈବିକ ପଦ୍ଧତିରେ ପନିପରିବା ଚାଷ କରିବା ସହିତ ଲୋକମାନଙ୍କୁ ମାଗଣାରେ ଟ୍ରେନିଂ ଦେଉଛୁ। ଗରିବ ପିଲାଙ୍କୁ ମାଗଣାରେ ଗୁଣାତ୍ମକ ଇଂଲିଶ ଶିକ୍ଷା ଦେଇଥିଲୁ। ନଦୀପଠାରେ ବୃକ୍ଷରୋପଣ କରିବା ସହିତ ଆଉ 'ମନେପଡ଼େ ପିଲାଦିନ' ନାମରେ ଏକ ପ୍ରୋଗ୍ରାମ କରିଛୁ। ଯେଉଁଥିରେ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରିବା ସହ ପୁରସ୍କୃତ କରୁଛୁ। ଏହା ସହିତ ବଡଦିନରେ ଆମେ ବୃଦ୍ଧାଶ୍ରମକୁ ଯାଇ ଆମ ସାଧ୍ୟମତେ ଲୁଗାପଟା ଆଦି ଦେଇଥାଉ। ସମସ୍ତେ ମିଶି ଗାଁ ପୋଖରୀ, ମନ୍ଦିର ଓ ରାସ୍ତାଘାଟ ଆଦି ସଫା କରିଥାଉ। ଏଥର ଆମେ ଘର ପୋଡିଯାଇଥିବା ଏକ ପରିବାରକୁ ସାହାଯ୍ୟ କରିବା ପାଇଁ ସମସ୍ତେ ମିଶି ପ୍ରାୟ ୨୦ ହଜାର ଟଙ୍କା ଯୋଗାଡ କରିଛୁ। ଏମିତି ପ୍ରତିବର୍ଷ ବଡ଼ଦିନରେ ଆମେ ବିଭିନ୍ନ ଲୋକହିତକର କାର୍ଯ୍ୟ କରିଥାଉ। ଏହାଛଡା ଏବର୍ଷ ଆମେ କିଛି ଆମ୍ବଗଛ ଓ ନଡ଼ିଆ ଗଛ ଲଗାଇବାର ଯୋଜନା ବି ରଖିଛୁ। ଆମର ଲକ୍ଷ୍ୟ ଭୋଜିଭାତ ନ କରି ପ୍ରତିବର୍ଷ ଏଭଳି ବଡ଼ଦିନ ପାଳନ କରିବୁ।'

**ଉପହାର ସହ ସଚେତନତା ସୃଷ୍ଟି କରାଯାଏ:** ବଡଦିନକୁ କିଏ ନାଚି, ଗାଇ ବା ଭୋଜି ଭାତ, ପିକ୍‌ନିକ୍ କରି ମନାଉଥିବା ବେଳେ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ଗୋପୀ ମୋହନ ପଟ୍ଟନାୟକ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ଆଦି ଏକ ଭିନ୍ନ ଢଙ୍ଗରେ ପାଳିଥାନ୍ତି। ଏମାନେ ୨୦୧୬ ମସିହାଠାରୁ ଚନ୍ଦକା ଡମପଡ଼ା ହସ୍ତୀ ଅଭୟାରଣ୍ୟ ନିକଟରେ ଥିବା ଆଦିବାସୀ ପଡାକୁ ଯାଇ ସେଠାରେ ଥିବା ଛାତ୍ରୀଛାତ୍ର ଓ ଛୋଟପିଲାମାନଙ୍କୁ ବିଭିନ୍ନ ପ୍ରକାର ଉପହାର ବାଣ୍ଟିଥାନ୍ତି। ସାନ୍ତାକ୍ଲଜ ପୋଷାକ ସିନା ଏମାନେ ପିନ୍ଧି ନ ଥାନ୍ତି କିନ୍ତୁ ପିଲାଙ୍କ ପାଇଁ ଏମାନେ ସାନ୍ତାଠାରୁ କମ ନୁହନ୍ତି। ପ୍ରତିବର୍ଷ ପିଲାମାନେ ଅପେକ୍ଷା କରି ରହିଥାନ୍ତି। କାରଣ ଏହିମାନଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ଲୋକମାନେ ଯାଇ ପିଲାମାନଙ୍କୁ ଉପହାର ଦେଇଥାନ୍ତି। କେବଳ ଉପହାର ନୁହେଁ ବେଳେବେଳେ ସଚେତନତା କାର୍ଯ୍ୟକ୍ରମ ବି କରିଥାନ୍ତି। ସେମିତି ଥରେ ଡାକ୍ତର ସୁଶ୍ରୀ ସସ୍ମିତା ବେହେରା କନ୍ଦଳେଇ ସ୍କୁଲକୁ ଯାଇ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ସେମାନଙ୍କୁ ସ୍କୁଲ ଜୋତା ଉପହାରରେ ଦେଇଥିଲେ। ଜୋତା ପିନ୍ଧିଲେ ଶରୀର କିପରି ସୁସ୍ଥ ରହିଥାଏ ସେ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରିଥିଲେ। ଏଥର କିନ୍ତୁ ବଡଦିନରେ ଉପହାର ଦେବା ସହିତ ଗଛ ଲଗାଇବାର ଯୋଜନା ରହିଛି। ସେଥିପାଇଁ ସ୍ଲୋଗାନ ରହିଛି– ''ସାନ୍ତାକ୍ଲଜର ନିଅ ଏ ଭେଟି...
ଲଗାଅ ଗଛ ହସୁ ଏ ମାଟି''

ପିଲାମାନଙ୍କୁ ଉପହାର ଦେବା ପରେ ଗଛ ଲଗାଇ ପରିବେଶ ସଚେତନତା ସମ୍ପର୍କରେ କାର୍ଯ୍ୟ କରିବାର ଯୋଜନା ରହିଛି ବୋଲି କୁହନ୍ତି ସୁଶାନ୍ତ କୁମାର ସାହୁ।

ପ୍ରକୃତରେ ବଡଦିନ ସମସ୍ତଙ୍କ ପାଇଁ ଖୁସି ଆଣିଥାଏ। ସମସ୍ତେ ଚାହାନ୍ତି ଏହି ଦିନଟିକୁ ଖୁସିରେ କାଟିବା ପାଇଁ। କିନ୍ତୁ ସମସ୍ତଙ୍କ ପାଖରେ ସେତିକି ସମ୍ବଳ ନ ଥାଏ। ହେଲେ ଆମ ଭିତରେ ଅଛନ୍ତି ଏମିତି କିଛି ଯୁବଗୋଷ୍ଠୀ ଯେଉଁମାନେ ସେହି ନିରାଶ୍ରୟମାନଙ୍କ ବିଷୟରେ ଭାବିଥାନ୍ତି ଆଉ ତାଙ୍କରି ଖୁସିରେ ନିଜର ଖୁସି ଖୋଜିଥାନ୍ତି।

**–ରୋଜାଲିନ ମହାନ୍ତି, ପୌର୍ଣ୍ଣମାସୀ**

**ତଥ୍ୟ– ଶ୍ରୀକାନ୍ତ ପରିଜା, ସୁବାସ ପ୍ରଧାନ, ଭାସ୍କର ରାଉତରାୟ**


ଆଞ୍ଚଳିକ ବିକାଶ ପରିଷଦ ଭୁବନେଶ୍ୱର-୨ର ସଦସ୍ୟମାନେ।


କ୍ଲବ ଦି ୟୁଥ ମାସ୍‌ର ସଦସ୍ୟମାନେ।


ପ୍ରଶିକ୍ଷଣ ଦେବା ଅବସରରେ ଗୋବର୍ଦ୍ଧନ ପ୍ରଧାନ

ପ୍ରଥମ ରୋଜଗାର

# ପ୍ରଥମ ଦରମା ବାପାଙ୍କ ହାତରେ ଦେଇଥିଲି



ସାହିତ୍ୟିକ ତଥା ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ **ଶିବରାମ ଶତପଥୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଗୁଣପୁର ନିକଟବର୍ତ୍ତୀ ପ୍ରଧାନୀଗୁଡ଼ା ଶାସନରେ ମୋ ଜନ୍ମ। ୮ ଭଉଣୀଭାଇ (୩ ଭାଇ ଓ ୫ ଭଉଣୀ)ଙ୍କ ମଧ୍ୟରୁ ମୁଁ ଥିଲି ଦ୍ୱିତୀୟ ସନ୍ତାନ। ଗୁଣପୁର ଉଚ୍ଚ ବିଦ୍ୟାଳୟରୁ ୧୯୬୧ ମସିହାରେ ଏକାଦଶ ଶ୍ରେଣୀ ପାସ୍ କରି ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି କଲେଜରେ ପ୍ରି-ୟୁନିର୍ଭର୍ସିଟି ଓ ପ୍ରି-ପ୍ରଫେସନାଲ ଏବଂ ତା' ପରେ ବୁର୍ଲା ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ିଥିଲି। ଭଲ ପଢୁଥିବାରୁ ସପ୍ତମ ଶ୍ରେଣୀରୁ ଇଞ୍ଜିନିୟରିଂ ପଢ଼ିବା ପର୍ଯ୍ୟନ୍ତ ମୋତେ ସ୍କଲାରଶିପ୍ ମିଳି ଆସୁଥିଲା। ଆଉ ମୁଁ ସବୁ ଟଙ୍କାକୁ ନେଇ ବାପାଙ୍କ ହାତରେ ଦେଉଥିଲି। ପରେ ସେହି ଟଙ୍କା ମୋ ପାଠପଢ଼ାରେ ହିଁ ଖର୍ଚ୍ଚ ହେଉଥିଲା। ତା'ସହ ମୁଁ ସ୍କଲାରଶିପ୍ ପାଇବା ପରଠୁ ବାପା ଖୁସି ହୋଇ ପ୍ରତିବର୍ଷ ଗାଁ ଶିବ ମନ୍ଦିରରେ ପ୍ରାୟ ଶହେ ଜଣ ଗରିବଙ୍କୁ ଖାଇବାକୁ ଦେବାର ଏକ ପରମ୍ପରା ବି ଆରମ୍ଭ କରିଥିଲେ। ଏହାଦ୍ୱାରା ତାଙ୍କୁ ଖୁବ୍ ଆତ୍ମଶାନ୍ତି ମିଳୁଥିଲା। ତେବେ ଇଞ୍ଜିନିୟରିଂ ପଢ଼ା ସରିବା ପରେ ସୁନାବେଡ଼ାରେ କେନ୍ଦ୍ର ସରକାରଙ୍କ ଏକ ଯୋଜନା ଉପରେ କାମ କରିବାର ସୁଯୋଗ ମୁଁ ପାଇଥିଲି। ଏଥିପାଇଁ ମୋତେ ୨୫୦ ଟଙ୍କା ଲେଖାଏଁ ପାରିଶ୍ରମିକ ବି ମିଳୁଥିଲା। ଏହାକୁ ବି ମୁଁ ବାପାଙ୍କ ହାତରେ ଦେଇଥିଲି। ପାଖାପାଖି ବର୍ଷେ ଏଠାରେ କାମ କରିବା ପରେ ଆଲ୍ଲାହାବାଦ ସର୍ଭିସ୍ ସିଲେକ୍‌ସନ୍ ବୋର୍ଡରେ ସିଲେକ୍ଟ ହୋଇ ଇଣ୍ଡିଆନ୍ ଆର୍ମିରେ ଜଏନ୍ କରିଥିଲି। ପ୍ରଥମ ପୋଷ୍ଟିଂ ୧୯୬୧ ମସିହାରେ ଲ୍ୟୁଟ୍‌ନାଣ୍ଟ ଭାବେ ଜମ୍ମୁ ଓ କଶ୍ମୀରରେ ହୋଇଥିଲା। ତେବେ ଇଣ୍ଡିଆନ୍ ଆର୍ମିରେ ପ୍ରାୟ ୩୩ ବର୍ଷର ଅଭିଜ୍ଞତା ନେଇ ଶେଷରେ ୨୦୦୪ ମସିହାରେ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଭାବେ ଚାକିରିରୁ ଅବସର ନେଇଥିଲି। ଆଉ ଏହା ଭିତରେ ଭିନ୍ନ ଭିନ୍ନ ସ୍ଥାନରେ ଓ ପଦପଦବୀରେ ରହି ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିବା ସହ ବହୁ ଅଭିଜ୍ଞତା ହାସଲ କରିବାର ସୁଯୋଗ ବି ମୁଁ ପାଇଥିଲି। ଯେମିତିକି ୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୩-୭୪ ବମ୍ବେ ଇଞ୍ଜିନିୟରିଂ ଗ୍ରୁପ୍ ଆଣ୍ଡ ସେଣ୍ଟରରେ ଟ୍ରେନିଂ ଅଫିସର୍, ୧୯୭୪-୭୭ ଗୁଆହାଟୀ ଇଞ୍ଜିନିୟରିଂ କଲେଜରେ ଏନ୍‌ସିସି ଅଫିସର୍ କମାଣ୍ଡିଂ, ୧୯୭୭-୮୦ ଚିଲିକା ନାଭାଲ୍ ପ୍ରୋଜେକ୍ଟରେ ଆସିଷ୍ଟାଣ୍ଟ ଗାରିଶନ୍ ଇଞ୍ଜିନିୟର୍, ୧୯୮୦-୮୨ ଇଞ୍ଜିନିୟର୍ ରେଜିମେଣ୍ଟ, ଚଣ୍ଡୀମନ୍ଦିର, ୧୯୮୨-୮୪ ନାଗାଲାଣ୍ଡ ଓ ମଣିପୁରର ବିଦ୍ରୋହ ଦମନ, ୧୯୮୪-୮୬ ଇଞ୍ଜିନିୟର ଇକ୍ୟୁପ୍‌ମେଣ୍ଟ କଣ୍ଟ୍ରୋଲର୍, ପୁନେ, ୧୯୮୬-୮୮ ଆଇପିକେଏଫ୍ (ଶ୍ରୀଲଙ୍କା), ୧୯୮୮-୯୨ ସୀମା ସଡ଼କ ସଂସ୍ଥା (ଭୁଟାନ), ୧୯୯୨-୯୫ ପ୍ରମାଣ ଓ ପ୍ରୟୋଗ ସଂସ୍ଥା, ଚାନ୍ଦିପୁର (ବାଲେଶ୍ୱର), ୧୯୯୬-୯୮ ଆଭ୍ୟନ୍ତରୀଣ ଜଳ ପରିବହନ ସଂସ୍ଥା, ଗୁଆହାଟୀ, ୧୯୯୮-୨୦୦୦ ଚିଫ୍ ଇଞ୍ଜିନିୟର, ଶିଲିଂ ଜୋନ୍, ୨୦୦୦-୦୩ ଡାଇରେକ୍ଟର ଜେନେରାଲ୍ ନାଭାଲ ପ୍ରୋଜେକ୍ଟ, ବିଶାଖାପାଟଣା, ୨୦୦୩-୦୪ ଇଞ୍ଜିନିୟର ଷ୍ଟୋର ଡିପୋ, କାକିନଡା (୨୪ ପ୍ରଗଣା) ଆଦିରେ କାର୍ଯ୍ୟ କରିଥିଲି। ଚାକିରି ଜୀବନ ବାଦ୍ ଲେଖାଲେଖିରେ ବି ମୋର ରୁଚି ରହିଛି। ମାତ୍ର ୯ବର୍ଷ ବୟସରୁ କବିତା ଲେଖିବା ଆରମ୍ଭ କରିଥିଲି। କ୍ରମେ କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ବି ଲେଖିଲି। ଯା'ଭିତରେ ୧୧ଟି କବିତା ସଂକଳନ, ୧୪ଟି କ୍ଷୁଦ୍ର ଗଳ୍ପ ସଂକଳନ, ୧୦ଟି ପ୍ରବନ୍ଧ, ୨ଟି ଧର୍ମ ପୁସ୍ତକ ମୋର ପ୍ରକାଶିତ ହୋଇସାରିଲାଣି। ଆଉ ସାହିତ୍ୟ ପ୍ରୀତି ପାଇଁ ମୋତେ ଅନେକ ସମ୍ମାନ ମଧ୍ୟ ମିଳିସାରିଲାଣି। ଗୁଣପୁର ସ୍ୱଚ୍ଛ ସାହିତ୍ୟ ସମାଜ, ଭୁବନେଶ୍ୱର ଉତ୍କଳ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ନବଗୁଞ୍ଜର, ଗଣିଆ ଓ ନୟାଗଡ଼ ଦ୍ୱାରା ବିଶିଷ୍ଟ ସାହିତ୍ୟିକ ଭାବେ ସମ୍ମାନିତ ହୋଇସାରିଲିଣି। ଏପିରିକି ଜୟପୁର ସାହିତ୍ୟ ପରିଷଦ ଦ୍ୱାରା ଏବଂ ଦଶମ ଗଞ୍ଜାମ ପୁସ୍ତକ ମେଳା, ବ୍ରହ୍ମପୁରରେ ୨୦୧୫ରେ ସୁସାହିତ୍ୟିକ ଭାବେ ମଧ୍ୟ ସମ୍ମାନିତ ହୋଇସାରିଛି। ତା' ଛଡ଼ା ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ଗଞ୍ଜାମରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ବି ପାଇସାରିଛି।

# ଟିକେ ଲାଜେଇ ଟିକେ ଚାତୁରି, ନିମିଷକେ କଲା ମନକୁ ଚୋରି



ସାଥୀ

**ପ୍ରଶ୍ନ**–ତା'ର ଲାଜ ଲାଜ ହସ ମୋତେ ଘାଇଲା କରିଛି। ସେ କିପରି ମୋ ମନର ମାନସୀ ହେବ କହିବେ କି ସାଥୀ ?

*–ଉତ୍ତମ, ଖୋର୍ଦ୍ଧା*

**ଉତ୍ତର :** ଉପାୟ ବଡ ସହଜ। ଯେତେବେଳେ ସେହି ସୁନ୍ଦରୀ ଆପଣଙ୍କୁ ଦେଖି ଲାଜେଇ ଯାଉଛି, ସେହି ଲାଜରେ ହିଁ ତା' ମନ କଥା ଲୁଚି ରହିଛି। ଯଦି ସେହି ଲାଜୁଆ ହସରେ ପ୍ରେମର ବାସ୍ନା ରହିଛି ତେବେ ଡେରି କରୁଛନ୍ତି କିଆଁ ? ବେଳ କାଳ ଦେଖି ମନର କଥା ତାକୁ କହି ଦିଅନ୍ତୁ ନା ! ଦେଖିବେ ଯଦି ପାଣିପାଗ ଠିକ୍ ରହିଲା ତେବେ ବିନା ଟେନ୍‌ସନରେ ବହି ଫିଟ୍ ହୋଇଯିବ।

**ପ୍ରଶ୍ନ**–ସୁନ୍ଦରୀ ଝିଅଙ୍କ ପ୍ରେମ ଦୀର୍ଘ ସ୍ଥାୟୀ ନୁହେଁ। ଏହା ସତ କି ?

*–ତନ୍ମୟ ସାହୁ, ବଡବିଲ, କେନ୍ଦୁଝର*

**ଉତ୍ତର :** ଝିଅଟି ସୁନ୍ଦରୀ ହେଉ କି ଅସୁନ୍ଦରୀ, ତା' ପ୍ରେମ ଉପରେ ଶତ ପ୍ରତିଶତ ବିଶ୍ୱାସ ରହିବା ନିହାତି ଦରକାର। କାରଣ ବିଶ୍ୱାସ ଆଉ ଭରସା ଉପରେ ପ୍ରେମର ଗାଡି ଆଗକୁ ମାଡିଚାଲେ। ଯଦି ସେ ସମୟରେ ମନରେ କିନ୍ତୁ, କାହିଁକି ପରି ପ୍ରଶ୍ନ ଆସିଲା ତେବେ ସେହି ପ୍ରେମ କେତେବେଳେ ମଉଳି ପଡିବ ତାହା କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଛି। ସେ ମୋତେ ମଧ୍ୟ ଭଲ ପାଉଛି। ହେଲେ ତା' ଉପରେ ମୋର ସନ୍ଦେହ ହେଉଛି। ସେ ଅଧା ବାଟରେ ମୋ ହାତ ଛାଡି ଚାଲିଯିବନି ତ ?

*–ପ୍ରଶାନ୍ତ ନାୟକ, ରେଢ଼ାଖୋଲ*

**ଉତ୍ତର :** ସନ୍ଦେହ ଏପରି ଏକ ଭାଇରସ ଯାହା ଅମୃତରେ ବିଷ ସଦୃଶ। ଆପଣ ସେ ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି। ସେ ମଧ୍ୟ ଆପଣଙ୍କୁ ଭଲ ପାଉଛି। ଏଭଳି ପ୍ରେମରେ ଯଦି ସନ୍ଦେହ ସୃଷ୍ଟି ହୁଏ ତେବେ ସେହି ପ୍ରେମରେ ନିଶ୍ଚୟ କିଛି ନା କିଛି ପ୍ରୋବ୍ଲେମ ରହିଛି। ତେଣୁ ମନକୁ ଦୃଢ଼ କରି ନିଜ ପ୍ରେମ ଉପରେ ବିଶ୍ୱାସ ରଖନ୍ତୁ। ତେବେ ଯାଇ ଆପଣଙ୍କ ପ୍ରେମ ସକ୍‌ସେସ ହେବ।

**ପ୍ରଶ୍ନ**–ପ୍ରେମରେ ପଡି ଅନେକ ଯୁବତୀ-ଯୁବକ ଏବେ ପଥଭ୍ରଷ୍ଟ ହେଉଛନ୍ତି ? କାହିଁକି ?

*–ନିରଞ୍ଜନ ଦାସ, ବ୍ରହ୍ମପୁର*

**ଉତ୍ତର :** ପ୍ରେମରେ ପଡି ପଥଭ୍ରଷ୍ଟ ହେବା ଅର୍ଥ ସେମାନେ ପ୍ରେମ ପାଠକୁ ଠିକ ଭାବରେ ଅନୁଧ୍ୟାନ ନ କରି ମଇଦାନକୁ ଡେଇଁ ପଡିଛନ୍ତି। କାରଣ ପ୍ରେମର ନିଶା ଭାରି ଗାଢ଼। ଏହି ରଙ୍ଗ ଦେହରେ ଲାଗିଲେ ମନ ଆକାଶରେ ଉଡିଥାଏ। ଆଉ ସେତେବେଳେ ମାନସିକତା ଏପରି ହୋଇଯାଏ ଯେ କେତେକ ବାଟବଣା ହୋଇଯାଆନ୍ତି। ତେଣୁ ପ୍ରେମ ଯେମିତି କୁଲ୍ କୁଲ ଠିକ୍ ସେମିତି ଥଣ୍ଡା ମିଜାସରେ ପ୍ରେମ କଲେ ପଥଭ୍ରଷ୍ଟ ହେବାର ଚାନ୍ସ କମ୍। ପ୍ରେମର ରାସ୍ତାରେ ଯାତ୍ରା କରିବା ଏତେ ସହଜ ନୁହେଁ। କାରଣ ବେଳେବେଳେ ଏପରି ସମସ୍ୟା ଆସେ ଯାହା ମନକୁ ଆନ୍ଦୋଳିତ କରିଥାଏ। ଆଉ ତାହାର ବଶବର୍ତ୍ତୀ ହୋଇ କେତେକ ପ୍ରେମ ଉପରୁ ବିଶ୍ୱାସ ହରାଇ ଥାଆନ୍ତି। ତେଣୁ ମନ ଥଣ୍ଡା ରଖି ପ୍ରେମ କରନ୍ତୁ ଦେଖିବେ ଏପରି ସମସ୍ୟା ଆପଣଙ୍କ ପ୍ରେମରେ ଆସିବ ନାହିଁ।

**ପ୍ରଶ୍ନ**–ପ୍ରେମ କରିବାକୁ ମୋ ମନ ଅଥୟ ହେଉଛି। ମୋର ଏହି ମନକୁ ମୁଁ କିପରି ଶାନ୍ତ କରିବି ?

*–ସୁବାସ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର :** ଏପରି ସମସ୍ୟାରେ ବଲ୍ ଆପଣଙ୍କ କୋର୍ଟରେ। ମନକୁ ପ୍ରଥମେ ଥୟ କରନ୍ତୁ। ମନଲାଖି ପ୍ରେମିକାଟିଏ ଚଏସ କରି ତାହାର ହୃଦୟରେ ପରମାନେଣ୍ଟ ବସା ବାନ୍ଧିବାକୁ ଚେଷ୍ଟା କରନ୍ତୁ। ଯଦି ଦୁଇ ପଟରୁ ଏ ନେଇ ଗ୍ରୀନ୍ ସିଗ୍‌ନାଲ ମିଳିଗଲା ତେବେ ଆପଣଙ୍କ ମନ ଆଉ ଅଥୟ ହେବ ନାହିଁ। ସେହି ମନ ସବୁବେଳେ ପ୍ରେମର ରଙ୍ଗିନ ଦୁନିଆରେ ଘୂରି ବୁଲିବ।

# ଅଲ୍‌କା ୟାଗ୍ନିକ୍



ହିନ୍ଦୀ ଚିତ୍ର ଦୁନିଆର ଏକ ଅତି ପରିଚିତ ନାମ ହେଉଛି ଅଲ୍‌କା ୟାଗ୍ନିକ୍। ଲତା ମଙ୍ଗେସ୍‌କରଙ୍କ ପରେ ତାଙ୍କୁ ଅନ୍ୟତମ ସୁରିଲା ସିଙ୍ଗର ଭାବେ ବିବେଚନା କରାଯାଇଥାଏ। ହିନ୍ଦୀ ସିନେମାରେ ସେ ତିନି ଦଶନ୍ଧିରୁ ଅଧିକ ସମୟ ପାଇଁ କାମ କରିଛନ୍ତି। ଏହି ସମୟକାଳ ମଧ୍ୟରେ ସେ ସହସ୍ରାଧିକ ଗୀତରେ କଣ୍ଠଦାନ କରିଛନ୍ତି। ସେ ହେଉଛନ୍ତି ଏମିତି ଜଣେ ଗାୟିକା, ଯାହାଙ୍କୁ ମିଳିଛି ସାତଥର ଫିଲ୍ମ ଫେୟାର ବେଷ୍ଟ ଫିମେଲ ପ୍ଲେବ୍ୟାକ୍ ସିଙ୍ଗର। ସେହିପରି ତାଙ୍କ ନାମକୁ ୩୬ଥର ଏହି ପୁରସ୍କାର ନିମନ୍ତେ ନୋମିନେଟ୍ ବା ମନୋନୟନ କରାଯାଇଛି। ସେତିକି ନୁହେଁ, ୧୯୯୪ ମସିହାରେ ସେ ଏହି ପୁରସ୍କାର ନିମନ୍ତେ ଥିଲେ ଏକକ ନୋମିନି। ତାଙ୍କୁ ଦୁଇଥର ନ୍ୟାଶନାଲ୍ ଫିଲ୍ମ ଆୱାର୍ଡ ମଧ୍ୟ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ତାଙ୍କୁ ମିଳିଛି ଅଜସ୍ର ସମ୍ମାନ ଓ ସ୍ୱୀକୃତି। ବିବିସି ଦ୍ୱାରା ପ୍ରସ୍ତୁତ 'ଟପ୍ ଫର୍ଟି ବଲିଉଡ୍ ସାଉଣ୍ଡଟ୍ରାକ୍ସ'ରେ ତାଙ୍କର ଗୀତ କୋଡ଼ିଏଥର ସ୍ଥାନ ପାଇ ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲା। ଲତା ମଙ୍ଗେସ୍‌କରଙ୍କ ପରେ ଅଲ୍‌କା ହେଉଛନ୍ତି ଏମିତି ଜଣେ ଗାୟିକା, ଯିଏ ତାଙ୍କ ବଲିଉଡ୍ କ୍ୟାରିୟର୍‌ରେ ସର୍ବାଧିକ ସୋଲୋ ସଙ୍ଗ୍ ବା ଏକକ କଣ୍ଠରେ ଗୀତ ରେକର୍ଡ କରିଛନ୍ତି।

**ପ୍ରାଥମିକ ଜୀବନ :** ୧୯୬୬ ମସିହା ମାର୍ଚ୍ଚ ୨୦ ତାରିଖରେ କଲିକତାର ଏକ ଗୁଜରାଟୀ ପରିବାରରେ ଜନ୍ମ ହୋଇଥିଲେ ଅଲ୍‌କା ୟାଗ୍ନିକ୍। ବାପାଙ୍କ ନାମ ଧର୍ମେନ୍ଦ୍ର ଶଙ୍କର। ମା' ଶୋଭା ଶଙ୍କର ଥିଲେ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ। ଅଲ୍‌କାଙ୍କ ଭିତରେ ମା'ଙ୍କର ସଙ୍ଗୀତ ଗୁଣଟି ଭରପୂର ହୋଇ ରହିଥିଲା। ସେ ପିଲାଟି ବେଳୁ ଖୁବ୍ ସୁରିଲା ଗଳାରେ ଗୀତ ଗାଉଥିଲେ। ମାତ୍ର ୬ ବର୍ଷ ବୟସରେ ସେ କଲିକତା ଆକାଶବାଣୀର ଜଣେ ଶିଶୁ କଣ୍ଠଶିଳ୍ପୀ ଭାବେ ଗୀତ ଗାଇବା ଆରମ୍ଭ କରିଥିଲେ। ତେବେ ଏତିକିରେ ତାଙ୍କ ମା' ସନ୍ତୁଷ୍ଟ ନ ଥିଲେ। ସେ ଅଲ୍‌କାଙ୍କୁ ନେଇ ଚାଲିଆସିଲେ ମୁମ୍ବାଇ।


ଲତା ମଙ୍ଗେସକରଙ୍କ ସହିତ ଅଲ୍‌କା

ସେତେବେଳକୁ ତାଙ୍କୁ ମାତ୍ର ୧୦ବର୍ଷ ବୟସ ହୋଇଥାଏ। ତେବେ ମୁମ୍ବାଇ ଆସିବା ପରେ ସମସ୍ତେ ଅଲ୍‌କାଙ୍କ ଗୀତ ଶୁଣିଲେ। ତେବେ ସେ ବଡ଼ହୋଇ ତାଙ୍କ କଣ୍ଠସ୍ୱର ପରିପକ୍ୱ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ବୋଲି ତାଙ୍କୁ ସମସ୍ତେ ପରାମର୍ଶ ଦେଇଥିଲେ। ଶୋଭାଙ୍କୁ ଏହା ମଧ୍ୟ ସନ୍ତୁଷ୍ଟ କରିପାରି ନ ଥିଲା। ସେ ଯେମିତି ନିଷ୍ପତ୍ତି ନେଇସାରିଥିଲେ ଯେ, ଝିଅକୁ ଗାୟିକା କରିବା ପରେ ଯାଇ ବିଶ୍ରାମ ନେବେ। ଏତିକିବେଳେ ରାଜ କପୁରଙ୍କଠାରୁ ଅଲ୍‌କାଙ୍କୁ ନେଇ ଯିବା ଲାଗି ଏକ ପତ୍ର ଆସିଲା। ରାଜ୍ କପୁର ଅଲ୍‌କାଙ୍କୁ ଶୁଣିଲେ। ତାଙ୍କ କଣ୍ଠସ୍ୱର ତାଙ୍କୁ ଖୁବ୍ ଭଲ ଲାଗିଲା ମଧ୍ୟ। ସେ ଗୋଟିଏ ଚିଠି ଲେଖି ଅଲ୍‌କାଙ୍କୁ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ (ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍)ଙ୍କ ନିକଟକୁ ପଠେଇଦେଲେ। ଲକ୍ଷ୍ମୀକାନ୍ତ ମଧ୍ୟ ଅଲ୍‌କାଙ୍କ ଭଏସ୍‌କୁ ପସନ୍ଦ କଲେ। ତେବେ ଶୋଭାଙ୍କ ନିକଟରେ ସେ ଦୁଇଟି ପ୍ରସ୍ତାବ ରଖିଲେ। ଅଲ୍‌କା ଡବିଂ ଗାୟିକା ଭାବରେ କାମ କରି ପରେ ଗାୟିକା ଭାବେ ବ୍ରେକ୍ ନବ ନା ସିଧାସଳଖ ଗାୟିକା ଭାବରେ ବ୍ରେକ ପାଇବ। ଶୋଭା ଚାହୁଁ ନ ଥିଲେ ଯେ, ତାଙ୍କ ଝିଅ ଆଉ କାହା ପାଇଁ ଗୀତ ଡବିଂ କରୁ। ପରେ ସେ ଗାୟିକା ହେଉ। ତାଙ୍କର ଇଚ୍ଛା ଥିଲା ସେ ସିଧାସଳଖ ଗାୟିକା ହେଉ। ତେଣୁ ସେ ଲକ୍ଷ୍ମୀକାନ୍ତଙ୍କ ଦ୍ୱିତୀୟ ପ୍ରସ୍ତାବକୁ ଗ୍ରହଣ କଲେ। ଅବଶ୍ୟ ସେଥିପାଇଁ ତାଙ୍କୁ କିଛିଦିନ ଅପେକ୍ଷା କରିବାକୁ ପଡ଼ିଲା।

**କ୍ୟାରିୟର :** ଅଲ୍‌କା ପ୍ରଥମଥର ପାଇଁ କଣ୍ଠଦାନ କରିଥିଲେ ଫିଲ୍ମ 'ପାୟଲ କି ଝନ୍‌କାର'ରେ। ଏହା ଥିଲା ତାଙ୍କର ପ୍ରଥମ ବଲିଉଡ୍ ଗାୟନ। ଏହାର ଠିକ୍ ବର୍ଷକ ପରେ ଆସିଲା ଫିଲ୍ମ 'ଲାୱାରିସ୍'। ଏହି ଫିଲ୍ମରେ ସେ ଗାଇଥିବା ଗୀତଟି ଥିଲା 'ମେରେ ଅଙ୍ଗନାମେଁ ତୁମ୍ହାରା କ୍ୟା କାମ୍ ହୈ'। ଅଲ୍‌କା ଯେ ଲତା ମଙ୍ଗେସ୍‌କରଙ୍କ ପରେ ବଲିଉଡ୍ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସେକଥା ଏହି ଗୀତରୁ ହିଁ ଜଣା ପଡ଼ିଯାଇଥିଲା। ଫିଲ୍ମର କ୍ରିଟିକ୍‌ମାନେ ତଥା ସଙ୍ଗୀତ ନିର୍ଦ୍ଦେଶକମାନେ ତାଙ୍କ ଭିତରେ ଥିବା ପ୍ରତିଭାକୁ ଦେଖିସାରିଥିଲେ। ତେବେ ଅଲ୍‌କାଙ୍କୁ ସେପରି ଆଖିଦୃଶିଆ ସଫଳତା ତଥାପି ମିଳି ନ ଥିଲା। ଆଉ ସେ ସେହିଭଳି ଏକ ସୁଯୋଗର ଅପେକ୍ଷାରେ ଥିଲେ। ଏତିକିବେଳେ ତାଙ୍କ ହାତକୁ ଆସିଲା ଫିଲ୍ମ 'ତେଜାବ୍'। ତାଙ୍କ କଣ୍ଠରେ ଏହି ଫିଲ୍ମର ଯେଉଁ ଗୀତଟି ରେକର୍ଡିଂ ହେଲା ତାହା ତାଙ୍କୁ ରାତାରାତ୍ ସଫଳତା ଆଣିଦେଲା। ଗୀତଟି ଥିଲା 'ଏକ୍ ଦୋ ତିନ୍'। ମାଧୁରୀଙ୍କ ଅଭିନୟ ଗୀତଟିକୁ ଜବରଦସ୍ତ ହିଟ୍ ଆଣିଦେଇଥିଲା। ଆଉ ଅଲ୍‌କାଙ୍କୁ ବନେଇ ଦେଇଥିଲା ଜଣେ ବ୍ୟସ୍ତ ଗାୟିକା। ଏହି ଗୀତ ପାଇଁ ସେ ପାଇଥିଲେ ତାଙ୍କ ପ୍ରଥମ ଫିଲ୍ମ ଫେୟାର ଆୱାର୍ଡ। ଏହାପରେ ଅଲ୍‌କା କେବଳ ହିନ୍ଦୀ ଗୀତରେ ବାନ୍ଧିହୋଇ ରହିଲେ ନାହିଁ। ଅଧିକନ୍ତୁ ସମଗ୍ର ଭାରତର ଗାୟିକା ପାଲଟିଗଲେ। ଉର୍ଦ୍ଦୁ, ଅହମୀୟା, ବେଙ୍ଗଲି, ଗୁଜରାଟୀ, କନ୍ନଡ, ମାଲୟାଲମ୍, ମରାଠୀ, ପଞ୍ଜାବୀ, ଓଡ଼ିଆ, ତାମିଲ୍, ତେଲୁଗୁ ଆଦି ଭାଷାରେ ଗୀତ ଗାଇ ସେ ନିଜକୁ ଏକ ସ୍ୱୟଂସମ୍ପନ୍ନା ଗାୟିକା ଭାବେ ପ୍ରତିଷ୍ଠା କରିଥିଲେ। ଓଡ଼ିଆ ଭାଷାରେ ସେ ଗାଇଥିବା ଏକ ସଫଳ ଗୀତ ହେଉଛି 'ନାହିଁ ମୋ ପାଦେ ଆଜି ନୂପୁର'। 'ଫୁଲଚନ୍ଦନ' ଫିଲ୍ମ ପାଇଁ ନିଜାମ ଗୀତ ରଚନା କରିଥିବା ବେଳେ ଏହାର ସୁରକାର ଥିଲେ ସରୋଜ ପଟ୍ଟନାୟକ। ନିଜର ବ୍ୟସ୍ତତା ସମ୍ପର୍କରେ ସୂଚନା ଦେଇ ଏକଦା ଏକ ଇଣ୍ଟରଭ୍ୟୁରେ ଅଲ୍‌କା କହିଥିଲେ ଯେ, ସେ ଦିନକୁ ଅତିକମ୍‌ରେ ପାଞ୍ଚଟି ଗୀତ ରେକର୍ଡିଂ କରୁଥିଲେ। ଆଉ ସେତେବେଳେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଲତା ମଙ୍ଗେସ୍‌କର ଏବଂ ଆଶା ଭୋସ୍‌ଲେ।

**ପାରିବାରିକ ଜୀବନ :** ସିଲଂର ବିଜନେସମ୍ୟାନ୍ ନୀରଜ କପୁରଙ୍କ ସହିତ ଅଲ୍‌କା ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନଙ୍କର ତାହା ଥିଲା ପ୍ରେମ ବିବାହ। ବିବାହ ପରେ ସେ ସାୟଶା ନାମ୍ନୀ ଗୋଟିଏ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ତେବେ ଏହା ପରେପରେ ନୀରଜଙ୍କ ସହିତ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଉଭୟେ ପ୍ରାୟ ଚାରି ପାଞ୍ଚବର୍ଷ ପରସ୍ପରଠାରୁ ଦୂରେଇ ରହିଥିଲେ। ଅବଶ୍ୟ ପରେ ସେମାନଙ୍କର ମତାନ୍ତର ଦୂର ହୋଇଥିଲା। ଆଉ ସେମାନେ ପୁଣିଥରେ ଏକତ୍ର ରହିଥିଲେ। ଅଲ୍‌କା ସ୍ୱୀକାର କରନ୍ତି ଯେ, ମା' ହେଉଛନ୍ତି ତାଙ୍କର ପ୍ରଥମ ଗୁରୁ। ସେ ମା'ଙ୍କଠାରୁ ହିଁ ସଙ୍ଗୀତ ବ୍ୟାକରଣ ଶିକ୍ଷା ହାସଲ କରିଥିଲେ। ଏତଦ୍‌ବ୍ୟତୀତ କଲ୍ୟାଣଜୀ-ଆନନ୍ଦଜୀ ଏବଂ ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍ ତାଙ୍କୁ ପ୍ଲେବ୍ୟାକ୍ ଗାୟନ ଶିଖେଇଥିବା ଅଲ୍‌କାଙ୍କ ମତ।


ଉଦିତ୍ ନାରାୟଣ, ଅଲ୍‌କା ଓ କୁମାର ସାନୁ


ସ୍ୱାମୀ ଓ ଝିଅଙ୍କ ସହିତ ଅଲ୍‌କା



# ଗାମୁଛା

–ମନୋରଞ୍ଜନ ପ୍ରଧାନ

ରାତି ବଢ଼ିଗଲେ,
ଷ୍ଟେଶନର ସିମେଣ୍ଟ ଚଟାଣ ଉପରେ
ଶୋଇଯାଏ ବୁଢ଼ୀ ।
ଆଜି ବି ଶୋଇଛି,
ଚାରିହାତି ଖୋର୍ଦ୍ଧା ଗାମୁଛାରେ
ଦିହ ମୁଣ୍ଡ ଘୋଡ଼େଇ ହୋଇଛି ।
ତାଳୁକୁ ଟାଣିଲେ ତଳିପା ଦିଶୁଛି
ହାଡୁଆ ଦିହଟା ଶୀତେଇ ଉଠୁଛି ।
ଶୋଇବା ହଉ କି ନ ହେଉ,
ଦେହ ଦରଜ ତ ମେଣ୍ଟୁଛି ।
ଧେତ୍, ପୁଅ ଜନ୍ମ କରିବାର ଫଳ ପା
ଭୋଗୁଛି ।
ଗାମୁଛାଟା କିନ୍ତୁ ଭାରି ପ୍ରିୟ,
ଜମା ପୁଅପରି ନୁହଁ ।
କାରଣ ଦିନରେ ଭିକ୍ଷା ଝୁଲି
ଓ ରାତିରେ କମ୍ବଳ ସାଜିଛି ।

*–ଦରଖୋଳି, ନୀଳଗିରି, ବାଲେଶ୍ୱର*



# ଅଭାବ

–ପ୍ରୀତିପ୍ରିୟା ମହାନ୍ତି

ସାରି ଅପା ଘରସାରା ଗିନା, ତାଟିଆ, ବେଲା, କଡ଼େଇ ଥୋଇ ନିଜେ ଘରର ଗୋଟିଏ କୋଣକୁ ଆଉଜି ବସିଛି । ଏତକ ନ ଥୋଇଲେ ଏ ବର୍ଷାଦିନେ ଘରେ କୃତ୍ରିମ ବନ୍ୟା ହବ । ବିଧବା ଗରିବ ଲୋକଟିଏ । କେହି ନାହିଁ ତା'ର । ସରପଞ୍ଚଙ୍କୁ ଜଣାଇଛି ତା' ଦୁଃଖ । ଇନ୍ଦିରା ଆବାସଟିଏ କରାଇଦେଲେ ଘର ଖଣ୍ଡେ କରନ୍ତା । ସରପଞ୍ଚ ଥିଲାଘର ପୁଅ । କିଛି ଅଭାବ ନାହିଁ ତାଙ୍କର । ଗାଁ ଲୋକେ କୁହାକୁହି ହେଲେ ତାଙ୍କୁ ହିଁ ଭୋଟ ଦେବା । ଅଭାବୀକୁ ଦେଲେ ସବୁ ନେଇ ଘରେ ପୂରେଇବ । ଲୋକଙ୍କ ଦୁଃଖ ଆଉ ବୁଝିବ କ'ଣ ? ସାରି ଅପା ବି ଗାଁ ଲୋକଙ୍କ କଥାରେ ଭୋଟ ଦେଲା । ହକ୍ ଭୋଟ ଦେଇଛି । ସେଇଥିପାଇଁ ତ ଯାଇ ଦେଖାକରିଛି ସରପଞ୍ଚଙ୍କୁ, ଆଉ ନିଜ ଅଭାବ ବି ଜଣାଇଛି । ଗାଁର କୋଠାଘର ଥିଲାବାଲା ଲୋକ ତ' ଇନ୍ଦିରା ଆବାସ ପାଇଛନ୍ତି । ତା'ର ତ ସହଜେ ଭଙ୍ଗା ମାଟିକାନ୍ଥକୁ ସାତବର୍ଷ ହେବ ଛପର ହୋଇ ନ ଥିବା ଚାଳଘର । ତାକୁ କ'ଣ ଆଉ ମିଳନ୍ତାନି କି । ଏଇ ଆଶାରେ ଅଛି ସେ ।

ଏତିକିବେଳେ ରତନା ଆସି ଖବର ଦେଲା ୱାର୍କ ଅର୍ଡର ଆସିଛି କାମ ପାଇଁ । ହେଲେ କଥା କ'ଣ କି, ଦଶହଜାର ଟଙ୍କା ଦେଲେ ଅର୍ଡର ପାଇବୁ ।

ସାରି ଅପା ଘାବରେଇଗଲା । ସରପଞ୍ଚଙ୍କୁ ବିପତ୍ତି ପଡିଛି ବୋଧେ, ନ ହେଲେ ଦଶହଜାର ଟଙ୍କା କାଇଁ ତାଙ୍କର ଦରକାର ପଡ଼ନ୍ତା । ନିଶ୍ଚୟ କିଛି ଅଭାବ ଅଛି ତାଙ୍କର । ବାହାହେଇ ଆସିଲାବେଳେ ଆଣିଥିବା ପିତ୍ତଳ ଡାଳ, ଗରା, ବାଲ୍‌ଟି ସବୁ କାଢ଼ିଲା । କହିଲା, ଏ ସବୁ ବିକ୍ରି କରିବୁ ଯାହା ହବ ସରପଞ୍ଚଙ୍କୁ ଦେଇଦବୁ ।

ରତନା କହିଲା, ହେ... ଏତକ ହେଇ ହେଇ କେତେ ହବ, ପାଞ୍ଚ ହଜାର ହବ । ଆଉ ପାଞ୍ଚେ... ?

ସାରି ଅପା ବିକଳ ହେଇ କହିଲା ଆଉ ମୋ ପାଖରେ କିଛି ନାହିଁ । ଏଡ଼େ ତୁ ତୁ ବର୍ଷାରେ କୁଆଡେ ଯିବି, କାହା ପାଖରେ ହାତ ପତେଇବି । ବର୍ଷା ଛାଡ଼ିଲେ କ'ଣ ବା କରନ୍ତି ।

ରତନା ସାରି ଅପା ପାଖକୁ ଲାଗିଆସି ତା' ହାତଧରି କହିଲା..ହଁ, ଏତେ ବର୍ଷାରେ କୁଆଡେ ଯିବୁ କ'ଣ କରିବୁ । ଯାହା କରିବୁ ଏଇ ଘରେ କର । ତୁ ମୋ ଅଭାବ ପୂରଣ କରିଦେ ମୁଁ ସରପଞ୍ଚ ଅଭାବ ପୂରଣ କରିଦେବି । ସାରି ଅପା ସେଇ ପିତ୍ତଳ ଗରାରେ ରତନା ମୁଣ୍ଡକୁ ପାହାରେ ପକେଇ କହିଲା, ଏଠି ସମସ୍ତଙ୍କର ଅଭାବ ଅଛି ଗୋଟିଏ ଭଲ ମନର । ଯୋଉଦିନ ଏ ଅଭାବଟା ପୂରଣ ହେଇଯିବ ସେଦିନ କାହାର ଆଉ କିଛି ବି ଅଭାବ ରହିବନି ।

*–ମୟୂରଝାଲିଆ, ରଣପୁର, ନୟାଗଡ଼*

# ତୁ .... ମେ....

–ସୋନାଲି ସ୍ୱାଇଁ

ତୁମେ ଦୂର ଦିଗ୍‌ବଳୟର
ସେଇ ଲାଜକୁଳା ସୂର୍ଯ୍ୟ,
ଦେଖି ମୋତେ ହସିଦିଅ
କାଇଁ କଥା ପଦେ ତ ହୁଅନା..

ତୁମେ ସେ ନୀଳ ସାଗରର
ସେଇ ଅସୁମାରୀ ଢେଉ,
ଆଗେ ଆସି ଚାଲିଯାଅ ସିନା
ହେଲେ ମୁହଁକୁ ତ ଚାହଁନା..

ତୁମେ ସେ ଅସରନ୍ତି ଆକାଶର
ସେଇ ମିଞ୍ଜି ମିଞ୍ଜି ତାରା,
ଦୂରେ ଥାଇ ଆଖି ମାର
ହେଲେ ପାଖକୁ ତ ଆସନା...

ତୁମେ ସେ ଉଜ୍ଜ୍ୱଳ ଜୋଛନାର
ସେଇ ଶୀତୁଆ କିରଣ,
ପ୍ରେମ ଭିକ୍ଷା କରିବାକୁ ଆସି
ଡରି ଚାଲିଯାଅ
ହେଲେ କେବେ କହି ତ ପାରନା...

ତୁମେ ସେଇ ସୁନ୍ଦର କୀଟର
ସେଇ ପ୍ରେମିକ ଭ୍ରମର,
ପାଖେ ବସି ଚାଲିଯାଅ
ହେଲେ କେବେ ଛୁଇଁ ତ ପାରନା..

ଆରେ ତୁମେ ପୁଅ ମ..
ଏତେ ଡରୁଆ ହେଲେ କେମିତି
ହେବ ଯେ
କହିବାକୁ ହେବ
ଡର ଭୁଲି,
ମନ ଖୋଲି
ଭଲ ପାଅ ବୋଲି...

*–ବାରିଲୋ, ବୋରିକିନା*
*ଜଗତ୍‌ସିଂହପୁର*

# ଦୁଷ୍କର୍ମ

–ଆଶୁକବି ହେମନ୍ତ ଦାଶ

କି ବିଡ଼ମ୍ବନା !
ନାରୀ ଔରସରୁ
ଜନ୍ମିତ ନରର
ନାରୀ ରକ୍ତ, ମାଂସ, ହାଡ଼ ପ୍ରତି
ଲୋଲୁପ ନଜର
ନାରୀ ବକ୍ଷରୁ ନିର୍ଗତ
ଅମୃତ ପାନ କରି
ଗଠିତ ଶରୀର,
ଶେଷରେ ସେହି ନାରୀଜାତି ପ୍ରତି
କୃତଜ୍ଞତା ବଦଳରେ
ଶୋଷିନିଏ ରୁଧିର ।
ଏ କି ବିଚାର !
ମୁକ୍ତାକାଶ ତଳେ ନିର୍ବିଘ୍ନରେ
ବିଚରଣ କରିବାର
ନାରୀର କ'ଣ
ନାହିଁ ଅଧିକାର !

*–ତୁଷୁରା, ବଲାଙ୍ଗୀର*



## ଇଶାନ ଯାହା ଖୋଜୁଥିଲେ..

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ବଲିଉଡ୍‌ରେ ପାଦ ଦେବା ପରେ ଇଶାନ ଖଟ୍ଟରଙ୍କର ସ୍ୱପ୍ନ ଥିଲା ନାମୀ ନିର୍ଦ୍ଦେଶକଙ୍କ ସହ କାମ କରିବେ। ଆଉ ତାହା ଏବେ ସତ ହୋଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶିକା ମୀରା ନାୟାରଙ୍କ ଆଗାମୀ ଫିଲ୍ମ 'ଏ ସୁଇଟେବଲ୍ ବୟ'ରେ ସେ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ଇଶାନ କହନ୍ତି, 'ଯେତେବେଳେ ମୋତେ ଏହି ଅଫରଟି ମିଳିଲା ତାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ମୀରା ନାୟାରଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଆଉ ଏକ ଖାସ୍ କଥା ହେଲା, ଏଥିରେ ତବୁ ମଧ୍ୟ ଅଭିନୟ କରୁଛନ୍ତି। ତେଣୁ ଆକ୍ଟିଂ ବିଷୟରେ ଅନେକ କଥା ଏହି ଫିଲ୍ମରୁ ଶିଖିପାରିବି। ଔପନ୍ୟାସିକ ବିକ୍ରମ ସେଠ୍‌ଙ୍କ ଉପନ୍ୟାସକୁ ଆଧାର କରି ଏହି ସିନେମା ପ୍ରସ୍ତୁତ କରାଯିବ। ଗୋଟିଏ ପରିବାରର ସଦସ୍ୟମାନେ ଝିଅ ପାଇଁ ଜଣେ ସୁଯୋଗ୍ୟ ବରଟିଏ ଖୋଜୁଛନ୍ତି। ହେଲେ ଶେଷରେ ଏହି ସୁଇଟେବଲ୍ ବୟ ମିଳୁଛି କି ନାହିଁ ତାହାର ଉତ୍ତର ସିନେମାରେ ହିଁ ରହିଛି। ଇଶାନ ଏବଂ ତବୁଙ୍କ ବ୍ୟତୀତ ନବାଗତା ତାନ୍ୟା ମାଣିକତାଲାଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଜି' ଷ୍ଟୁଡିଓ ବ୍ୟାନରରେ ପ୍ରସ୍ତୁତ ହେଉଥିବା 'ଖାଲି ପିଲି'ରେ ଇଶାନ ଏବଂ ଅନନ୍ୟା ପାଣ୍ଡେ ଅଭିନୟ କରିବେ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଅଲ୍ଲୀ ଆବାସ ଜାଫର।


ଇଶାନ-ତବୁ

## ୪୦୦ରୁ ଜଣେ

ମହେଶ ତନୟା ଆଲିୟା ଭଟ୍ଟଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ। ଏହି ଫିଲ୍ମର ଅଡିସନ୍‌ରେ ୪୦୦ ଜଣ ନବାଗତା ଭାଗ ନେଇଥିଲେ। ହେଲେ ଶେଷରେ ବାଜି ମାରିଥିଲେ ଆଲିୟା। ଉକ୍ତ ସିନେମାର ଶୁଟିଂ ପୂର୍ବରୁ ଆଉ ଏକ ଘଟଣା ଘଟିଥିଲା। ସେତେବେଳେ ଆଲିୟାଙ୍କ ଓଜନ ଅଧିକ ଥିଲା। ତେଣୁ ରୋଲ୍ ଅନୁସାରେ ଓଜନ କମାଇବାକୁ କରନ୍ ପରାମର୍ଶ ଦେଇଥିଲେ। ଆଉ ଏଥିପାଇଁ ଆଲିୟାଙ୍କୁ ବେଶ୍ ପରିଶ୍ରମ ମଧ୍ୟ କରିବାକୁ ପଡିଥିଲା। ସେ ମାତ୍ର ତିନି ମାସ ମଧ୍ୟରେ ୧୬ କିଗ୍ରା ଓଜନ କମାଇଥିଲେ। କିନ୍ତୁ ନାୟିକା ସାଜିବା ପୂର୍ବରୁ ଆଲିୟା ଶିଶୁ କଳାକାର ଭାବରେ ବଡ ପରଦାରେ ଏଣ୍ଟ୍ରି କରିଥିଲେ। ଅକ୍ଷୟ କୁମାର-ପ୍ରୀତି ଜିଣ୍ଟା ଅଭିନୀତ 'ସଂଘର୍ଷ'ରେ ସେ ପ୍ରୀତିଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ।


ଆଲିୟା

## ରୋମିଓ ରଜା

କଲେଜରେ ପ୍ରଥମ ଥର ପାଇଁ ପାଦ ଦେବା ସମୟରେ ପିଲାମାନଙ୍କର ମନ ସତେଯେମିତି ଆକାଶରେ ଉଡୁଥାଏ। ନୂଆ ଦୁନିଆ ଆଉ ରଙ୍ଗିନ୍ ପରିବେଶରେ ସେମାନଙ୍କ ମଧ୍ୟରୁ କେତେକ ପ୍ରେମ ମାୟାରେ ପଡିଯାଇଥାଆନ୍ତି। ବାସ୍, ଠିକ୍ ସେମିତି ପ୍ରଥମ ଦେଖାରେ ଜଣେ କଲେଜ ଛାତ୍ର ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ କରି ବସୁଛି। ସେମାନେ ପ୍ରେମ ଦୁନିଆରେ ଉଡି ବୁଲିବା ସମୟରେ ହଠାତ୍ ଆଉ ଜଣେ ଏହି ପ୍ରେମରେ ଏଣ୍ଟ୍ରି କରୁଛନ୍ତି। ତା'ପରେ ତ ନିଶ୍ଚୟ ପ୍ରେମର ପାଣିପାଗ ବଦଳି ଯାଉଥିବ। ତେବେ ତା'ପରେ କ'ଣ ହେଉଛି ଏବଂ ଦୁହିଁଙ୍କ ପ୍ରେମର ଦି ଏଣ୍ଡ କିପରି ହେଉଛି ସେପରି ଏକ ଭିନ୍ନ ଧରଣର ଲଭ ଷ୍ଟୋରିକୁ ନେଇ ନିର୍ମିତ ହେଉଛି ଓଡିଆ ଫିଲ୍ମ 'ରୋମିଓ ରାଜା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଲାନ କୁମାର ଏବଂ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ତମନ୍ନା। ଏନ. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ଚାଲୁ ରହିଛି। ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ। ଜମେଶ ଶୁକ୍ଳା ସଂଳାପ ରଚନା କରିଛନ୍ତି ଏବଂ ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ସୁବ୍ରତ ସ୍ୱାଇଁ, ଡ. ସୁବୋଧ ଦାସଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା ଏବଂ ଗୀତିଶ୍ରୀ ସରୋଜ। ଅମ୍ଲାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ବାବୁ ପ୍ରଧାନ, ଦୀପକ ମହାରଣା, ଜ୍ଞାନ ପଲେଇ, ତପନ, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।


ଅମ୍ଲାନ-ତମନ୍ନା

## ଚୁଜି ହେଲେଣି ରକୁଲ

ରକୁଲ ପ୍ରୀତ୍ ସିଂ ଏଣିକି ଦେଖି ଚାହିଁ ପାଦ ପକାଇବେ। ଅର୍ଥାତ୍ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ଆଦୌ ତରବର ହେବେ ନାହିଁ ବୋଲି ସେ କହି ବୁଲୁଛନ୍ତି। ଭଲ କାହାଣୀ ଏବଂ ଭୂମିକାଟିଏ ମିଳିଲେ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଭରିବେ। କନ୍ନଡ ଫିଲ୍ମ 'ଗିଲି'ରୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ତାମିଲ ଏବଂ ତେଲୁଗୁ ଫିଲ୍ମରେ ଅଭିନୟ କରି ନିଜ ଆକ୍ଟିଂ ଦକ୍ଷତାର ପରିଚୟ ଦେଇ ସାରିଛନ୍ତି। ରକୁଲଙ୍କୁ ୨୦୧୪ରେ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା, ଆଉ ଫିଲ୍ମଟି ଥିଲା 'ୟାରିୟାଁ'। ହେଲେ ତା'ପରେ ଆଉ ଏକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ତାଙ୍କୁ ଚାରିବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୧୮ରେ ରିଲିଜ ହୋଇଥିବା 'ଅୟାରି' ପରେ ତାଙ୍କ ଅଭିନୀତ ଦୁଇଟି ଫିଲ୍ମ-'ଦେ ଦେ ପ୍ୟାର୍ ଦେ' ଏବଂ 'ମର୍‌ଜାଓ୍ୱାଁ' ଚଳିତବର୍ଷ ରିଲିଜ ହୋଇସାରିଛି। ଅନ୍ୟପକ୍ଷରେ ସେ ଏବେ ଏକ ଅନଟାଇଟଲ୍‌ଡ ହିନ୍ଦୀ ସିନେମାରେ ଆକ୍ଟିଂ କରୁଛନ୍ତି। ବଲିଉଡ୍‌ରେ ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ହିନ୍ଦୀ ସିନେମାରେ ଏକ ବଡ଼ ବ୍ୟାନରରେ ନିର୍ମିତ ହେଉଥିବା ଫିଲ୍ମରେ ଆକ୍ଟିଂ କରିବାକୁ ଇଚ୍ଛା ଅଛି। ତଥାପି କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ତାହାର କାହାଣୀ ଏବଂ ନିଜ ଭୂମିକା ସମ୍ପର୍କରେ ଭଲ ଭାବରେ ତର୍ଜମା କରିବା ପରେ ହିଁ ସାଇନ୍ କରିବି।' ତେବେ ବଲିଉଡ୍‌ରେ ରକୁଲ ନିଜ କ୍ୟାରିୟରକୁ କି ମୋଡ ଦେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।



## ଆଉ ଜଣେ ନବାଗତା

ଖୁବ୍‌ଶୀଘ୍ର ଆଉ ଏକ ନୂଆ ଯୋଡିକୁ ହିନ୍ଦୀ ସିନେମାରେ ଦେଖିବାକୁ ମିଳିବ। ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ଯଶ୍‌ରାଜ ଫିଲ୍ମସରେ ଦୁହେଁ ଅଭିନୟ କରିବେ। ସେ ଦୁଇ ଜଣ ହେଲେ ସିଦ୍ଧାନ୍ତ ଚତୁର୍ବେଦୀ ଏବଂ ଶର୍ବରୀ। 'ବଣ୍ଟି ଔର ବବ୍‌ଲି'ର ସିକୁଏଲ୍‌ରେ ସେମାନଙ୍କୁ ସୁଯୋଗ ମିଳିଛି। ପୂର୍ବରୁ ସିଦ୍ଧାନ୍ତ 'ଗଲି ବୟ'ରେ ଏମ.ସି. ଶେର୍ ଭୂମିକାରେ ଅଭିନୟ କରିଥିଲେ। ହେଲେ ବଡ଼ ପରଦାରେ ପ୍ରଥମ ଥର ପାଇଁ ମୁହଁ ଦେଖାଇବାକୁ ଯାଉଛନ୍ତି ନବାଗତା ସର୍ବରୀ। ୨୦୦୫ରେ ନିର୍ମିତ 'ବଣ୍ଟି ଔର ବବ୍‌ଲି'ରେ ଅଭିଷେକ ବଚ୍ଚନ ଏବଂ ରାଣୀ ମୁଖାର୍ଜୀ ଅଭିନୟ କରିଥିଲେ। ଅପରପକ୍ଷରେ ଅମିତାଭ ବଚ୍ଚନଙ୍କୁ ଏଥିରେ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିଥିଲା। ଫିଲ୍ମଟିକୁ ସେତେବେଳେ ବେଶ୍ ସଫଳତା ମିଳିଥିଲା। ଏବେ ଅର୍ଥାତ୍ 'ବଣ୍ଟି ଔର ବବ୍‌ଲି' ରିଲିଜ ହେବାର ୧୪ବର୍ଷ ପରେ ଯଶ୍‌ରାଜ ଫିଲ୍ମସ ଏହାର ସିକୁଏଲ ନିର୍ମାଣ କରିବାକୁ ଯାଉଛି। ଯଦିଓ ଫିଲ୍ମର ପ୍ରାରମ୍ଭିକ କାମ କିଛିମାସ ହେବ ଚାଲିଥିଲା, ହେଲେ ଏହାର ମୁଖ୍ୟ ଭୂମିକାରେ କିଏ ଅଭିନୟ କରିବେ ତାହା ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇ ନ ଥିଲା। ଫିଲ୍ମଟିର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ତେବେ ସିଦ୍ଧାନ୍ତ-ଶର୍ବରୀ ଯୋଡ଼ି ଦର୍ଶକଙ୍କୁ କେତେ ଏଣ୍ଟରଟେନ କରୁଛି ତାହା ଦେଖିବାକୁ ବାକି ରହିଲା।


ସିଦ୍ଧାନ୍ତ-ଶର୍ବରୀ

# ସ୍ମୃତିରେ... ୨୦୧୯

**ସରି ସରି ଯାଉଥିବା ଏହି ବର୍ଷରେ ଆମେ ବି ଛୁଟିଦିନର ପୁରୁଣା ଫର୍ଦ୍ଦସବୁ ଟିକେ ଓଲଟାଇବା। ଆଉ ଦେଖିବା ଏହି ବର୍ଷରେ ପାଠକଙ୍କ ପାଇଁ କ'ଣ ସବୁ ଥିଲା ଭେଟି ...**

### ପ୍ରଚ୍ଛଦପ୍ରସଙ୍ଗ

ବିଭିନ୍ନ ରୋଚକ ପ୍ରସଙ୍ଗର ଆକର୍ଷକ ଉପସ୍ଥାପନା ହୋଇଥିଲା ପ୍ରଚ୍ଛଦପ୍ରସଙ୍ଗରେ। ପାଠକଙ୍କ ରୁଚିକୁ ନେଇ ଉପସ୍ଥାପିତ ସେମିତି କିଛି ବିଷୟ ନିମ୍ନରେ...

**ଆଦର୍ଶ ବିବାହ–** ବଦଳିବାକୁ ଲାଗିଛି ବିବାହକୁ ନେଇ ଚିନ୍ତାଧାରା। ବହୁ ଆଡ଼ମ୍ବର ପରିବର୍ତ୍ତେ ସଞ୍ଚିତ ଟଙ୍କାକୁ କିଏ ଗରିବଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି ତ ଆଉ କିଏ ବଦଳାଉଛନ୍ତି ଏହାସହ ଯୋଡ଼ି ହୋଇ ରହିଥିବା କିଛି ପରମ୍ପରା। ଫଳରେ ବିବାହ ପାଲଟି ଯାଉଛି ଆଦର୍ଶ ବିବାହ।

**ପ୍ରେମ–**ପ୍ରେମ ଶାଶ୍ୱତ ଓ ପବିତ୍ର। ଏଥିରେ ନ ଥାଏ ରଙ୍ଗ, ରୂପର ବାଛ ବିଚାର କି ଜାତି ଧର୍ମର ଭେଦଭାବ। ହେଲେ ଏହାର ପଥ ନୁହେଁ ସୁଗମ। ସହିବାକୁ ହୁଏ ଅନେକ କଷ୍ଟ। ତଥାପି ଅନେକେ ଏସବୁ ସହି ହୁଅନ୍ତି ଏକାକାର। ସେମିତି କିଛି ପ୍ରେମ କାହାଣୀ ଥିଲା ଏହି ପ୍ରଚ୍ଛଦ ପ୍ରସଙ୍ଗରେ।

**ବୀର ଯବାନ–**ଯେତେବେଳେ ଦେଶର ସୁରକ୍ଷା ପ୍ରତି ଆଞ୍ଚ ଆସେ। ବୀର ଯବାନ ଆଗେଇ ଆସନ୍ତି। ଆଉ ନିଜ ଜୀବନ ବଦଳରେ ଦେଶ ମାତୃକାକୁ ଶତ୍ରୁ କବଳରୁ ରକ୍ଷା କରି ବିଜୟର ଟିକା ପିନ୍ଧାଇବାକୁ ହୋଇ ଯାଆନ୍ତି ପ୍ରସ୍ତୁତ। ସେଇ ବୀର ଯବାନଙ୍କ କଥା ଥିଲା ଏହି ପ୍ରଚ୍ଛଦରେ।

**ଇଂଲିଶ ନାଁ ଓଡ଼ିଆ ଗାଁ–** ଓଡ଼ିଶାରେ ଯେତେ ଗାଁ ସେତେ ନାଁ। ତେବେ ପ୍ରତ୍ୟେକ ଗାଁର ନାଁ ପଛରେ ରହିଛି କିଛି କଥା, କିଛି କାହାଣୀ। ସେମିତି କିଛି ଗାଁ ଓ ଗଳି ରହିଛି, ଯାହାର ନାଁ ଇଂଲିଶରେ। କ'ଣ ସେହି ନାଁ ଆଉ କ'ଣ ରହିଛି ତା' ପଛର କାହାଣୀ।

**ଆବର୍ଜନାରୁ ସର୍ଜନା–** ପରିବେଶ ଚିନ୍ତା କେଇଜଣଙ୍କୁ ଏମିତି ଘାରିଛି ଯେ, ତାକୁ ସ୍ୱଚ୍ଛ କରିବାକୁ ଯାଇ ସେମାନେ ବିଭିନ୍ନ ଆବର୍ଜନାକୁ ଦେଇଛନ୍ତି ନୂଆ ରୂପ। ଆଉ ତିଆରି କରିଛନ୍ତି ଅନେକ ସୁନ୍ଦର କଳାକୃତି।

**ଶିକ୍ଷା ପାଇଁ ସମର୍ପିତ–** ଶିକ୍ଷା ଏବେ ନେଇଛି ବ୍ୟବସାୟର ରୂପ। ଜ୍ଞାନ ହେଉଛି ନିଲାମ। କିନ୍ତୁ ଏବେବି କେତେଜଣ ଶିକ୍ଷକ ଅଛନ୍ତି ଯେଉଁମାନେ ଶିକ୍ଷାକୁ ଜୀବନର ବ୍ରତ ଭାବି ବିନା ମୂଲ୍ୟରେ ଅବିରତ ବାଣ୍ଟି ଚାଲିଛନ୍ତି ଜ୍ଞାନର ଆଲୋକ। ସେମିତି କେତେଜଣ ଶିକ୍ଷକଙ୍କ ଜୀବନୀ ଥିଲା ଏହି ପ୍ରଚ୍ଛଦପ୍ରସଙ୍ଗରେ।

**ତେଜସ୍ୱିନୀ–** ଯେବେ ନାରୀର ଧୈର୍ଯ୍ୟ ବନ୍ଧବାଡ ଭାଙ୍ଗେ ସେ ନେଇପାରେ ଉଗ୍ରରୂପ। ଆଉ ତା' ସମ୍ମୁଖରେ ଥିବା ମହିଷାସୁର ରୂପୀ ଅତ୍ୟାଚାରୀକୁ କରିପାରେ ଦମନ। ଅତ୍ୟାଚାର ବିରୋଧରେ ଲଢ଼ିଥିବା ସେମିତି କେତେଜ ତେଜସ୍ୱୀ ନାରୀଙ୍କ କାହାଣୀ ଥିଲା ଏଥିରେ।

କେବଳ ଏତିକି ନୁହେଁ କଣ୍ଢେ ତୁଳସୀ ମୁଖେ ରାମ, ପାଣି କିଛି କାହାଣୀ, ନିଆରା ସ୍ରଷ୍ଟା, ଝୋଟି, ବନ୍ଧୁ, ଭକ୍ତର ଭଗବାନ, ମାଛ ବିବିଧା, ଖୋଷା, ବାପାଙ୍କ ଗାଳି, କମ୍ୟୁନିଟି ରେଡିଓ, ଚିଟିଂ ଏକ୍‌ଜାମ୍ ନୋ ପାପା, ପରଦେଶେ ହୋଲି ପରି ଭିନ୍ନ ଭିନ୍ନ ସ୍ୱାଦର ପ୍ରଚ୍ଛଦ ପ୍ରସଙ୍ଗ ଥିଲା ଏହି ବର୍ଷ।

**ଆଉ ଦିନ କେଇଟାର ଅପେକ୍ଷା । ଆସିଯିବ ନୂଆ ଏକ ବର୍ଷ । ଘର କାନ୍ଥରେ ଟଙ୍ଗାଯିବ ନୂଆ କ୍ୟାଲେଣ୍ଡର। ତେବେ ପୁରୁଣା କ୍ୟାଲେଣ୍ଡରକୁ ବାହାର କରିବା ପୂର୍ବରୁ ଥରେ ତା' ଉପରେ ନଜର ବୁଲାଇ ଆଣିଲେ ଦେଖିବେ ସ୍ମୃତି ସବୁ ଜୀବନ୍ତ ହୋଇ ଉଠିବ...**
















**ସିନେମା–** ସେଲିବ୍ରିଟି ଗସିପ୍, ଅପକମିଂ ମୁଭି ସହ ସିନେଜଗତର ଅନେକ ମଜାଦାର ଘଟଣା ଉପସ୍ଥାପନା ହୋଇଥିଲା ସିନେମା ପୃଷ୍ଠାରେ।



**ଲାଇଫ୍ ଷ୍ଟାଇଲ-** ଲାଟେଷ୍ଟ ଫ୍ୟାଶନ୍ ସମ୍ପର୍କରେ ଅବଗତ କରାଇବା ସହ ଅନେକ ଟିପ୍ସ ଥିଲା ଏହି ପୃଷ୍ଠାରେ।

**ବ୍ୟାକପେଜ୍-** ଦେଶ ବିଦେଶର ଅଜବ ଗଜବ କଥାକୁ ନେଇ ସମୃଦ୍ଧ ଥିଲା ବ୍ୟାକ୍ ପେଜ।




**ସାଥୀ/ ପ୍ରଥମ ରୋଜଗାର-** ଏହି ସ୍ତମ୍ଭରେ ପ୍ରେମ, ପ୍ରଣୟକୁ ନେଇ ପ୍ରେମିକା ପ୍ରେମିକଙ୍କ ମନରେ ଥିବା ଅନେକ ପ୍ରଶ୍ନର ମନକୁ ସୁହାଇବା ଭଳି ଉତ୍ତର ଦେଇଛନ୍ତି ସାଥୀ। ଆଉ ପ୍ରଥମ ରୋଜଗାର ସ୍ତମ୍ଭରେ ବାଣ୍ଟିଛନ୍ତି ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଥମ ଆୟର ନିଆରା ଅନୁଭୂତି।




**ବିବିଧା-** ପାଠକଙ୍କ ମନୋରଞ୍ଜନ ପାଇଁ ଅନେକ ରୋଚକ କଥା ସହ ମଜାଦାର କାର୍ଟୁନ ଥିଲା ଏହି ପୃଷ୍ଠାରେ।

**ବ୍ୟକ୍ତିତ୍ୱ-** ବହୁ ବିଶିଷ୍ଟ ଲେଖକଙ୍କଠୁ ଆରମ୍ଭ କରି ଅଭିନେତା, ସଙ୍ଗୀତକାର, ଗାୟକ, ଚିତ୍ରକରଙ୍କ ପ୍ରେରଣାଦାୟକ ଜୀବନୀ ଥିଲା ଉକ୍ତ ପୃଷ୍ଠାରେ।




**ମଞ୍ଚମାୟା-** ମଞ୍ଚପଛର କଥା ସହ ଯାତ୍ରାଜଗତ ସହ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ଜୀବନ କାହାଣୀ ଥିଲା ଏହି ପୃଷ୍ଠାରେ।

**ସହରରୁ ଦୂର-** ପାଠକଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ସମ୍ପର୍କରେ ସୂଚନା ଦେବା ସହ ଘରେ ବସି ଭ୍ରମଣର ମଜା ଦେବାର ପ୍ରୟାସ ହୋଇଥିଲା ଏହି ପୃଷ୍ଠାରେ।

**ମଡେଲ ମିରର୍-** ଷ୍ଟାଇଲିସ୍ ମଡେଲଙ୍କ ଆକର୍ଷଣୀୟ ଫଟୋ ସହ ହାଃ ହାଃର କଉତୁକିଆ କଥାର ଏକ ମିଶ୍ରଣ ଥିଲା ଏହି ପୃଷ୍ଠାରେ।



ଚିରଶ୍ରୀ

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କୁମାର ଶରତ (ଧରିତ୍ରୀ)**

## ହାଃ ହାଃ

### ଛାଡ଼ିବା
ରାଜୁ ଅଫିସ୍ ଲେଟ୍‌ରେ ପହଞ୍ଚିବା ଦେଖି ବସ୍- ଏ ପର୍ଯ୍ୟନ୍ତ କୋଉଠି ଥିଲ ?
ରାଜୁ- ଗର୍ଲଫ୍ରେଣ୍ଡକୁ କଲେଜ ଛାଡ଼ିବାକୁ ଯାଇଥିଲି। ସେଥିପାଇଁ ଟିକେ ଡେରି ହେଇଗଲା।
ବସ୍- ଶଟ୍‌ଅପ୍। କାଲିଠୁ ଅଫିସ୍ ସମୟରେ ଆସିବ। ନ ହେଲେ ଚାକିରି ଗଲା ବୋଲି ଭାବିବ।
ରାଜୁ- ହଉ ଠିକ୍ ଅଛି। ହେଲେ କାଲିଠୁ ଆପଣ ନିଜେ ହିଁ ଆପଣଙ୍କ ଝିଅକୁ କଲେଜ ଛାଡ଼ିବାକୁ ଯିବେ।

### ହ୍ୱାଟ୍‌ସ ଆପ୍
ପ୍ରେମିକା ପ୍ରେମିକକୁ ହ୍ୱାଟ୍ସ ଆପ୍ ମେସେଜ୍ କରି- ତୁମେ କୋଉଠି ଅଛ ?
ପ୍ରେମିକ- ମୁଁ ମୋ ବିଏମ୍‌ଡବ୍ଲ୍ୟୁରେ ବସି ପୁରୀ ଯାଉଛି। ଗୋଟେ ଜରୁରୀ କାମ ଅଛି। ପଛରେ କଥା ହେବି।
ପ୍ରେମିକା- ଓ! ଆଚ୍ଛା। ତମେ ଯେଉଁ ବିଏମ୍‌ଡବ୍ଲ୍ୟୁରେ ଯାଉଛ ମୁଁ ତା' ପଛ ସିଟ୍‌ରେ ବସିଛି। ତମ ଟିକେଟ ବି ଦେଇ ଦେଇଛି। କଣ୍ଡକ୍ଟରକୁ ଆଉ ଟଙ୍କା ଦେବନି।

### ପରୀ
ମୁନି ମା'କୁ- ମାମା ତମେ କହିଥିଲ ପରୀଙ୍କର ଡେଣାଥାଏ। ଆଉ ସେମାନେ ଉଡ଼ିପାରନ୍ତି।
ମା'- ହଁ, କହିଥିଲି।
ମୁନି- ହେଲେ ଆମ ଚାକରାଣୀର ତ ଡେଣା ନାହିଁ। ତଥାପି ବାପା ତାକୁ ପରୀ ଡାକୁଛନ୍ତି। ସେ କ'ଣ ଉଡ଼ିପାରିବ ?
ମା'-ହଁ, କାଲି ସକାଳ ହେଲା ମାନେ ଉଡ଼ିଯିବ।

# କ୍ରିସ୍‌ମାସ୍ ଡେଷ୍ଟିନେଶନ

















**ବେଙ୍ଗାଲୁରୁ:** ଏହି ସହରରେ କ୍ରିସ୍‌ମାସ୍‌କୁ ବେଶ୍ ଉଲ୍ଲାସ ଓ ଜୋସ୍‌ର ସହକାରେ ଲୋକେ ପାଳନ କରିଥାନ୍ତି। ଖାସ୍‌କରି ଏହି ପର୍ବ ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ କେକ୍, ଡେଜର୍ଟ୍ସ ତଥା ଡିସେସ୍‌ର ମହକ ଏଠାକାର ପରିବେଶକୁ ଆହୁରି ମନଲୋଭା କରିଦେଇଥାଏ। ସେହିପରି ଏଠାକାର ଚର୍ଚ୍ଚ ତଥା ରାସ୍ତାଗୁଡ଼ିକର ସାଜସଜ୍ଜା ବି ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।

**କୋଲକାତା:** 'ସିଟି ଅଫ୍ ଜୟ' ଭାବେ ପରିଚିତ କୋଲକାତାରେ ବି କ୍ରିସ୍‌ମାସ୍ ପର୍ବକୁ ବେଶ୍ ଉତ୍ସାହର ସହ ପାଳନ କରାଯାଇଥାଏ। ଏହି ସମୟରେ ଚର୍ଚ୍ଚ, ରାସ୍ତାଘାଟ, ଘରଦ୍ୱାରର ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଏଠାରେ ଆୟୋଜନ କରାଯାଉଥିବା ବିଭିନ୍ନ ପ୍ରକାରର କୌତୁକିଆ ଖେଳ ଓ ଫୁଡ୍ ଫେଷ୍ଟିଭାଲ ବି ଏଠାକାର ଅନ୍ୟତମ ଆକର୍ଷଣ ସାଜିଥାଏ।

**ଡାମନ୍ ଆଣ୍ଡ ଡିୟୁ:** ଏଠାରେ ମୁଖ୍ୟତଃ ପର୍ତ୍ତୁଗୀଜ୍‌ମାନଙ୍କ ଶୈଳୀରେ କ୍ରିସ୍‌ମାସ୍ ପର୍ବକୁ ପାଳନ କରାଯାଇଥାଏ, ଯାହା ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ। ବିଶେଷ କରି ଏହି ଅବସରରେ ପାଳିତ ହେଉଥିବା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ମନଛୁଆଁ ଲାଗିଥାଏ।

**କୋଚି:** କମ୍ ଖର୍ଚ୍ଚରେ କ୍ରିସ୍‌ମାସ୍ ସେଲିବ୍ରେଶନ୍‌ର ମଜା ନେବାକୁ ଚାହୁଁଥିଲେ କୋଚିଠୁ ବଳି ଆଉ ଭଲ ସ୍ଥାନ କ'ଣ ହୋଇପାରେ। ବିଶେଷକରି ଏଠାକାର ଲୋକଗୀତ ହିଁ ଏହି ପର୍ବକୁ ଅଧିକ ମନଛୁଆଁ କରିଦେଇଥାଏ।

**ଗୋଆ:** ଏଠାରେ ପର୍ତ୍ତୁଗାଲ୍‌ମାନଙ୍କର କିଛିଟା ଛାପ ରହିବା ସହ ବହୁ ପରିମାଣରେ ଚର୍ଚ୍ଚ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ଯେଉଁଥିପାଇଁ ପ୍ରତିବର୍ଷ କ୍ରିସ୍‌ମାସ୍ ପର୍ବକୁ ଏଠାରେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଆଉ ଏହି ବିଶେଷ ଅବସରରେ ଗୋଆର ପ୍ରତି କୋଣଅନୁକୋଣକୁ ଫୁଲ ଏବଂ ରଙ୍ଗିନ୍ ଆଲୋକରେ ସଜାଯାଇ ଆକର୍ଷଣୀୟ କରି ଦିଆଯାଇଥାଏ। ତା'ସହିତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଲୋକଙ୍କୁ ଆକୃଷ୍ଟ କରାଯାଇଥାଏ।

**ପଣ୍ଡିଚେରୀ:** ଏଠାରେ ଟିକେ ଫ୍ରେଞ୍ଚ ପ୍ରଭାବ ରହୁଥିବା ଅନୁଭବ କରାଯାଏ। ଫଳରେ କ୍ରିସ୍‌ମାସ୍ ଅବସରରେ ଏଠାରେ ଚର୍ଚ୍ଚ ସମେତ ରାସ୍ତାଘାଟଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ। ତା'ସହିତ ଲୋକମାନଙ୍କ ମନୋରଞ୍ଜନ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ବି ଆୟୋଜନ ହୋଇଥାଏ।

**ମୁମ୍ବାଇ:** ସ୍ୱପ୍ନର ସହର ମୁମ୍ବାଇରେ ମଧ୍ୟ କ୍ରିସ୍‌ମାସ୍ ସେଲିବ୍ରେଶନ୍‌କୁ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ। କାରଣ ଏହି ବିଶେଷ ଅବସରରେ ଏଠାକାର ଚର୍ଚ୍ଚ, ମଲ୍ ତଥା ମାର୍କେଟ୍‌ଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ। ତା'ସହିତ ଏଠାରେ ଥିବା ଚର୍ଚ୍ଚକୁ ଯାଇ ପ୍ରଭୁ ଯିଶୁଙ୍କୁ ଦର୍ଶନ କରିବା ସହ ସୁସ୍ୱାଦୁ କ୍ରିସ୍‌ମାସ୍ କେକ୍ ଖାଇବାର ମଜା ବେଶ୍ ଆନନ୍ଦ ଦେଇଥାଏ।

**ମନାଲି:** ତୁଷାରପାତର ଶୀତଳ ପରଶରେ କ୍ରିସ୍‌ମାସ୍ ମନାଇବାର ମଜା ହିଁ କିଛି ଖାସ୍। ଏଥିପାଇଁ ହିମାଚଳପ୍ରଦେଶସ୍ଥିତ ମନାଲି ସବୁଠାରୁ ଭଲ ସ୍ଥାନ କହିଲେ ଭୁଲ୍ ହେବ ନାହିଁ। କାରଣ କ୍ରିସ୍‌ମାସ୍ ଅବସରରେ ଏଠାରେ ତୁଷାରପାତ ହେଉଥିବାରୁ ସ୍କିଂ କରିବା ସହ ସ୍ନୋମ୍ୟାନ୍ ଓ ବରଫରେ ଖେଳିବାର ମଜା ବେଶ୍ ନିଆରା ଅନୁଭୂତି ଦେଇଥାଏ।

**କେରଳ:** ଏଠାରେ ବି ଅନେକ ଗିର୍ଜାଘର ରହିଛି। କ୍ରିସ୍‌ମାସ୍ ସମୟରେ ଏହି ଗିର୍ଜାଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସଜାଯାଇ ପର୍ଯ୍ୟଟକଙ୍କ ନିମନ୍ତେ ରାତିସାରା ଖୋଲା ରଖାଯାଇଥାଏ। ସେହିପରି ଏଠାକର ରେଷ୍ଟୁରାଣ୍ଟଗୁଡ଼ିକରେ ଭଲ ଡିସ୍‌କାଉଣ୍ଟରେ ସୁସ୍ୱାଦୁ ବ୍ୟଞ୍ଜନ ପରଷାଯିବା ସହ ବ୍ୟାକ୍‌ୱାଟର୍‌ରେ ବୋଟିଂ କରିବାର ମଜା ହିଁ ବେଶ୍ ଆନନ୍ଦ ଦେଇଥାଏ ପର୍ଯ୍ୟଟକଙ୍କୁ।

କ୍ରିସ୍‌ମାସ୍‌କୁ ପ୍ରାୟ ସବୁ ସ୍ଥାନରେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏପରିକି ଭାରତର ଅନେକ ସ୍ଥାନରେ ବି ଏହି ପର୍ବକୁ ଜାକଜମକରେ ପାଳନ କରିବା ପାଇଁ ଲୋକେ ତତ୍ପରତା ଦେଖାଇଥାନ୍ତି। ତେଣୁ ଏଥରର କ୍ରିସ୍‌ମାସ୍ ଛୁଟିରେ ଯଦି ଆପଣମାନେ କୁଆଡ଼େ ବୁଲିଯିବା ପାଇଁ ପ୍ଲାନିଂ କରୁଥାନ୍ତି, ତା'ହେଲେ ନିମ୍ନରେ ଦିଆଯାଇଥିବା କ୍ରିସ୍‌ମାସ୍ ଡେଷ୍ଟିନେଶନଗୁଡ଼ିକ ମଧ୍ୟରୁ କାହାକୁ ବି ବାଛିପାରିବେ। ଯେଉଁଠାରେ ଛୁଟିକୁ ଏନ୍‌ଜୟ କରିବା ସହ ଅନୁଭୂତି ସାଉଁଟିବାର ଯଥେଷ୍ଟ ସୁଯୋଗ ପାଇପାରିବେ...







# ଟଏଲେଟ୍ ପେପର୍ ୱେଡିଂ ଗାଉନ୍

ପୃଥିବୀରେ ଅନେକ ଅଜବ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। କିଛି ପ୍ରତିଯୋଗିତା ସମ୍ପର୍କରେ ଅନେକେ ଅଳ୍ପ ବହୁତେ ଜାଣିଥିବେ। ସେମିତି ଏକ ଅଜବ ପ୍ରତିଯୋଗିତା ନ୍ୟୁୟର୍କରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଟଏଲେଟ୍ ପେପର୍‌ରେ ୱେଡିଂ ଗାଉନ୍ କରିବା ଚ୍ୟାଲେଞ୍ଜ ରହିଥିଲା। ଏଥିରେ ପ୍ରାୟ ୧୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ହେଲେ ଶେଷ ପର୍ଯ୍ୟାୟ ବେଳକୁ ମାତ୍ର ୧୦ ଜଣ ଚୟନ ହୋଇଥିଲେ। ପ୍ରତିଯୋଗିତାରେ ଦକ୍ଷିଣ କାରୋଲିନାର ମିମୋଜା ହାସ୍କା ବିଜୟିନୀ ହୋଇଥିଲେ। ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଟଏଲେଟ୍ ପେପର୍ ସହ ଟେପ୍, ସୂତା, ଅଠା ବ୍ୟବହାର କରିଥିଲେ। ମିମୋଜା ହାସ୍କା ମୋଟ ୪୮ଟି ରୋଲ ଟଏଲେଟ୍ ପେପର୍ ବ୍ୟବହାର କରି ୱେଡିଂ ଗାଉନ୍ ତିଆରି କରିଥିଲେ, ଯେଉଁଥିପାଇଁ ତାଙ୍କୁ ୪୦୦ ଘଣ୍ଟା ସମୟ ଲାଗିଥିଲା। ଆଉ ତାହା ସବୁଠୁ ଖାସ୍ ଓ ସୁନ୍ଦର ହୋଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୭ ଲକ୍ଷ ଟଙ୍କା ମିଳିଥିଲା। ପ୍ରତିଯୋଗିତାରେ ଜଜ୍‌ଭାବେ ବହୁ ବିଶିଷ୍ଟ ବ୍ୟକ୍ତି ଥିଲେ। ଆଉ ଏହି ପ୍ରତିଯୋଗିତାର ପ୍ରସାରଣ ଆମେରିକାର ନ୍ୟାଶନାଲ ଟିଭିରେ ହୋଇଥିଲା।

## କାର୍ଟୁନ କର୍ନର



# ଅମନଙ୍କ ସ୍ୱପ୍ନ



ଗୀତକୁ ନେଇ ସ୍ୱପ୍ନ ଦେଖନ୍ତି ଅମନ। ଗୀତକୁ ସାଥିକରି ସେ ବାଟ ଚାଲିବେ – ଏମିତି ମଧ ଏକ ନିଷ୍ପତ୍ତି ନେଇଛନ୍ତି ଅମନ। ଅମନଙ୍କ ପୂରାନାମ ଅମୀୟ କୁମାର ସାହୁ। ତେବେ ଯାତ୍ରାରେ ସେ କେବଳ 'ଅମନ' ନାମରେ ହିଁ ପରିଚିତ। ପିପିଲିର ଖେଲାର ନାମକ ଏକ ଗ୍ରାମରେ ଜନ୍ମ ହୋଇଥିବା ଏହି ଗାୟକ ସମ୍ପ୍ରତି ଅପେରା ସୂର୍ଯ୍ୟମନ୍ଦିରରେ ରହି ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଯାତ୍ରା ତାଙ୍କୁ ଆନନ୍ଦ ଦଉଛି। ଏକାବେଳକେ ହଜାର ହଜାର ଦର୍ଶକଙ୍କୁ ସାମ୍ନା କରି ବହୁତ ଖୁସି ଲାଗୁଛି। ସେମାନଙ୍କର ପ୍ରତିକ୍ରିୟା ସବୁ ପୁରସ୍କାର ପରି ମନେହେଉଛି। ବିଶେଷକରି ଯାତ୍ରାରେ ଅର୍ଥ ଅଛି ; ଯାହାକୁ ନେଇ ଜଣେ ନିଜର ପରିବାର ପ୍ରତିପୋଷଣ କରିପାରିବ। ମୁଖ୍ୟତଃ ସେ ସେଥିଲାଗି ଯାତ୍ରାକୁ ନିଜର କ୍ୟାରିୟର ଭାବରେ ବାଛିଛନ୍ତି ବୋଲି କହନ୍ତି ଏହି ଗାୟକ। ଅମନଙ୍କ ପରିବାର ଏକ କଳାକାର ପରିବାର। ବାପା ବିଜୟ କୁମାର ସାହୁ ଜଣେ ହେଡ ମାଷ୍ଟର ଥିଲେ ବି ସେ ଗୀତ ଗାଆନ୍ତି। ଗୀତ ବି ଶିଖାନ୍ତି। ସେହିଭଳି ବଡ଼ଭାଇ ବିନୋଦ କୁମାର ସାହୁ ଓ ବିକାଶ କୁମାର ସାହୁ ଉଭୟେ ଜଣେ ଜଣେ ଗାୟକ। ଅମନ କହନ୍ତି ଯେ, ବାପା ହେଉଛନ୍ତି ତାଙ୍କର ପ୍ରଥମ ଗୁରୁ ଯାହାଙ୍କ ଠୁ ସେ ପ୍ରାଥମିକ ସଙ୍ଗୀତ ଶିକ୍ଷା ହାସଲ କରିଥିଲେ। ସେହିପରି ଭାଇ ବିକାଶ କୁମାର ସାହୁ ତାଙ୍କର ଦ୍ୱିତୀୟ ସଙ୍ଗୀତ ଗୁରୁ। ତେବେ ଏସବୁ ସତ୍ତ୍ୱେ ବଡ଼ଭାଇ ବିନୋଦ କୁମାର ସାହୁଙ୍କ ପ୍ରେରଣା ତାଙ୍କୁ ଆଜି ଜଣେ ଗାୟକ ହେବାରେ ସହାୟକ ହୋଇଛି। ମୁଖ୍ୟତଃ ସୋନୁ ନିଗମ୍ ଓ ସୁରେଶ ୱାଦେକରଙ୍କ ଗୀତ ଗାଇବାରେ ରୁଚି ରଖୁଥିବା ଅମନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ହିନ୍ଦୁସ୍ତାନୀ କ୍ଲାସିକାଲରେ ତାଲିମ୍ ନେବା ସହିତ ବହୁ ମେଲୋଡ଼ି, ଭଜନ ତଥା ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେହିଭଳି ତରଙ୍ଗ ଚ୍ୟାନେଲର 'ସ୍ୱରଭକ୍ତି' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଜେତା ହୋଇଥିଲେ। ଭଏସ୍ ଅଫ୍ ଓଡ଼ିଶାରେ ଅଂଶଗ୍ରହଣ କରିବା ସହିତ ପ୍ରାର୍ଥନା ଚ୍ୟାନେଲ ପ୍ରାୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ଭାଗନେଇ ପ୍ରାର୍ଥନା ପ୍ରତିଭା ହେବାର ଗୌରବ ହାସଲ କରିଛନ୍ତି। ସମ୍ପ୍ରତି ଅପେରା ସୂର୍ଯ୍ୟମନ୍ଦିର ଦ୍ୱାରା ପ୍ରସ୍ତୁତ ତିନିଗୋଟି ନାଟକରେ ସେ କଣ୍ଠଦାନ କରିଛନ୍ତି। ମାୟାବିନୀ ମୌସୁମୀର 'ମତେ ନେଇଯାରେ ନେଇଯା', 'ଆରେ ଆ ଫେରିଆ ଶ୍ରାବଣ', 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର' ନାଟକରେ 'ସାତ ଦରିଆ ପାରିହେଇ ମୁଁ' ଏବଂ 'ପୁଅ ଯିବ ଶାଶୁଘର' ନାଟକରେ 'ଓ ପ୍ରିୟାରେ' ଏବଂ 'ସାଥୀରେ ସାଥୀରେ ସାଥୀ ଯିବି' ଆଦି ଗୀତ ଗାଇ ସେ ନିଜର ଏକ ପରିଚୟ ତିଆରି କରିପାରିଛନ୍ତି। ସେ ସବୁ ପ୍ରକାର ଗୀତ ଗାଇପାରନ୍ତି ସତ, ହେଲେ ରୋମାଣ୍ଟିକ୍ ଗୀତ ତାଙ୍କର ପ୍ରଥମ ପସନ୍ଦ ବୋଲି କହନ୍ତି ଏହି ଯୁବ କଣ୍ଠଶିଳ୍ପୀ।

# ସନ୍ତୋଷ-କୁସୁମ

ଯାତ୍ରା ଜଗତର ଏକ ଲୋକପ୍ରିୟ ଯୋଡ଼ି ହେଉଛନ୍ତି ସନ୍ତୋଷ-କୁସୁମ ଯୋଡ଼ି। ନିଜ ନିଜର ନିଆରା ଅଭିନୟରେ ସେମାନେ ଦର୍ଶକଙ୍କୁ ସାରା ରାତି ବାନ୍ଧି ରଖିଥାନ୍ତି। ସନ୍ତୋଷଙ୍କ ପୂରା ନାମ ସନ୍ତୋଷ କୁମାର ଦାସ। ଘର ବଡ଼ବିଲ୍‌ର ସାଇଲୋ। ସେ ପ୍ରାୟ ୨୧ବର୍ଷ ତଳେ ଆସନ୍ତି ଯାତ୍ରାକୁ। ପିଲାଟି ବେଳୁ କଳା ପ୍ରତି ରୁଚି ଥିଲା। ସେ ସ୍କୁଲ୍‌ରେ ଏକକ ଅଭିନୟ କରି ପୁରସ୍କାର ଜିତୁଥିଲେ। ଗ୍ରାଜୁଏଶନ ପରେ ଚାଲି ଆସିଲେ ଭୁବନେଶ୍ୱର। ଭୁବନେଶ୍ୱରର ଝାରପଡ଼ାଠାରେ ରହି ପିଲାଙ୍କୁ ଟ୍ୟୁଶନ କରୁଥିଲେ। ସେଠାରେ 'ମହାବୀର ୟୁଥ୍ କ୍ଲବ୍' ନାମରେ ଏକ ଡ୍ରାମାଟିକ୍ କ୍ଲବ୍ ଥିଲା। ସେଠାରେ ସେ ଅଭିନୟ କରୁଥିଲେ। ଟୁର୍ନାମେଣ୍ଟ ଜିତୁଥିଲେ। ତେବେ ଏସବୁ ତାଙ୍କର କଳାମନସ୍କତାକୁ ଶାନ୍ତି ଦେଇପାରୁ ନ ଥିଲା। ସେ ଚାହୁଁଥିଲେ କୌଣସି ଏକ ପେସାଦାର ପାର୍ଟିରେ ଯୋଗଦେବେ। ଏତିକିବେଳେ ତାଙ୍କର ଭେଟ ହେଲା ନାଟ୍ୟକାର ବଙ୍କିମ ସ୍ୱାଇଁଙ୍କ ସହିତ। ସେତେବେଳେ ବଙ୍କିମ୍‌ବାବୁ ଜଗଜ୍ଜନନୀ ଅପେରାରେ ନାଟକ ଲେଖିବା ସହିତ ଅଭିନୟ ମଧ କରୁଥିଲେ। ତାଙ୍କଠୁ ପ୍ରେରଣା ନେଇ ସେ ଇଣ୍ଟରଭିୟୁ ଦେଲେ। ଆଉ ସିଲେକ୍ଟ ମଧ ହେଲେ। ଯୋଗଦେଲେ ଜଗଜ୍ଜନନୀ ଅପେରାରେ। ତାଙ୍କୁ ପାର୍ଶ୍ୱ ନାୟକ ଭୂମିକା ମିଳିଲା। ଏଇଠୁ ହିଁ ଆରମ୍ଭ ହେଲା ସନ୍ତୋଷଙ୍କ ପେସାଦାର କଳାକାର ଜୀବନ। ଜଗଜ୍ଜନନୀରୁ ସେ ଆସିଲେ ତାରାପୁର। ତାରାପୁରରେ ତାଙ୍କର ଭେଟ ହେଲା କୁସୁମ ଓରଫ ସାଗରିକା ଦାସଙ୍କ ସହିତ। କୁସୁମ ସାତଶଙ୍ଖ ଅପେରାରେ ଜଣେ ଗାୟିକା ଭାବରେ ଯୋଗଦେଇ ତାଙ୍କର ଯାତ୍ରା କ୍ୟାରିୟର ଆରମ୍ଭ କରିଥିଲେ। ତେବେ ସେହି ପାର୍ଟିରେ ତାଙ୍କୁ ନାୟିକା ହେବାର ସୁଯୋଗ ମିଳିଲା। ସାତଶଙ୍ଖରେ କିଛି ବର୍ଷ ରହିବା ପରେ କୁସୁମ ଆସିଲେ ତାରାପୁରକୁ। ସେହି ତାରାପୁରରେ ହିଁ ଭେଟହେଲା ଉଭୟ କୁସୁମ ଏବଂ ସନ୍ତୋଷଙ୍କର। ଉଭୟ ନାୟକ ନାୟିକା ଭାବରେ ଅଭିନୟ କରୁଥିଲେ। ଅଭିନୟ ପ୍ରେମକୁ ରୂପାନ୍ତରିତ ହେଲା। ଆଉ ଉଭୟେ ନିଷ୍ପତ୍ତି ନେଲେ ସତସତିକା ଜୀବନରେ ନାୟକ ନାୟିକା ସାଜିବାକୁ। ଉଭୟ ପରିବାରରୁ ମଧ ସହମତି ମିଳିଲା। ଆଉ ସେମାନେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ହିଁ ପରସ୍ପରକୁ ବିବାହ କଲେ। ଇତିମଧ୍ୟରେ ଉଭୟ ସନ୍ତୋଷ ଓ କୁସୁମ ତାରାପୁର, ବାଣେଶ୍ୱରୀ, ରୁକ୍ମିଣୀ, ଗୌରୀ, ପାର୍ବତୀ, ଯାତ୍ରାଗାଁ ଆଦି ଅନୁଷ୍ଠାନରେ ଅଭିନୟ କରି ସମ୍ପ୍ରତି ଆସି ପହଞ୍ଚିଛନ୍ତି ଯାତ୍ରା ମାୟାନଗରୀରେ। ସେମାନେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ବାଉଁଶ ରାଣୀ, ବାଟ ଛାଡ଼ ଷଣ୍ଢ ଆସୁଛି, ଶୁଣ ସୁଜନେ ଦେଇ ମନ, ଚନ୍ଦନ ଟୋପାକୁ ନାଲି ଅଳତା, ଆମ୍ଭା ଏକ ରୁଟି ଦେ, ବାସୀ ମୋ ହେଲା ଫୁଲଶେଜ, କଥା ରହିଗଲା ମଗୁଶୁରକୁ, ଅପାକୁ ସୁନ୍ଦର ରୁପା ପାଉଁଜି, ଅଟକି ଯାଇଛି କଟକୀ ଝିଅ, ଗୁଲାମ୍ ନଗରୀ ଭୁବନେଶ୍ୱର, କାନ ଧରୁଛିଲୋ କଟି ପକାନି, କଥା ଦଉଛି ମୁଁ ଭୁଲିବି ନାହିଁ, ଅର୍ଦ୍ଧାଙ୍ଗିନୀ, ଡାକବଙ୍ଗଳା, ବାଃ ବାଃରେ ଉପରବାଲା ଏବଂ ଆହୁରି ଅନେକ। ଚଳିତବର୍ଷ ଯାତ୍ରା ମାୟାନଗରୀରେ ସେମାନେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି କଥା ଦିଅ ମତେ କରିବନି ପର, ଦେଲେ ଧରା କଥା ସରେ, ଧନ ପାଖେ ମନ ବନ୍ଧା ପଡ଼ିଛି ଏବଂ ନିଜ ନିଜର ରାମାୟଣ।



# କ୍ରିସ୍‌ମାସ୍ ରୋଜଗାର



ସାଧାରଣତଃ ପର୍ବପର୍ବାଣି, ସାମାଜିକ ପରମ୍ପରା ସବୁକୁ ମଣିଷ ନିଜର ସୁଖ ଆଉ ସମୃଦ୍ଧିର ବୃଦ୍ଧି ପାଇଁ ସୃଷ୍ଟି କରିଛି। ପରସ୍ପର ସହିତ ମିଳିତ ହେବା, ଖୁସି ବାଣ୍ଟିବା ଆଦିର ଅବସର ମଣିଷକୁ ଏହି ପର୍ବପର୍ବାଣି ତଥା ସାମାଜିକ ପରମ୍ପରା ସବୁ ପ୍ରଦାନ କରିଥାନ୍ତି । ଖାଲି ଯେ ଏହି ଅବସରରେ ଆମୋଦ ପ୍ରମୋଦ କରାଯାଏ ସେକଥା ନୁହେଁ ; ଅଧିକନ୍ତୁ ଏହା ମଧ ଅନେକଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି କରିଥାଏ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନୁହେଁ ; ଦେଶ କାଳ ପାତ୍ର ଭିତ୍ତିରେ ଏହି କଥାଟି ଯେ ଲାଗୁ ସେକଥାକୁ କେହି ବି ଅସ୍ୱୀକାର କରିବ ନାହିଁ। ଏବେ ଦେଖାଯାଉ ମେଲବୋର୍ନର ଦୁଇଭଉଣୀ ଭେରୋନିକା ଜେଣ୍ଟାଇଲ୍ ଏବଂ ଜିଓଭାନା ଆଭାତିଙ୍କୁ। ଚଳିତବର୍ଷ ଡିସେମ୍ବର ୧ ତାରିଖ ପୂର୍ବରୁ ଏ ଦୁଇଭଉଣୀ ବେଶ ମୋଟା ଅଙ୍କର ରୋଜଗାର କରିପାରିଛନ୍ତି। କ୍ରିସମାସ୍ ହିଁ ସେମାନଙ୍କୁ ଏହି ସୁଯୋଗ ଆଣି ଦେଇଛି। ଭେରୋନିକା ଏକ ସ୍ଥାନୀୟ ଖବରକାଗଜକୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ସେ ଖୁବ୍ ଭଲ କ୍ରିସ୍‌ମାସ୍ ଟ୍ରି ସଜେଇ ପାରନ୍ତି। ସେଥିଲାଗି ତାଙ୍କୁ ତାଙ୍କର ସାଙ୍ଗସାଥୀମାନେ ନିଜନିଜ ଘରକୁ ଡାକିଥାନ୍ତି। ଆଉ ସେ ଯାଇ ଆଗ୍ରହର ସହିତ ସେମାନଙ୍କ ଘରର କ୍ରିସ୍‌ମାସ୍ ଟ୍ରି ସଜେଇ ଦେଇଥାନ୍ତି। ତେବେ ଚଳିତବର୍ଷ ସେ ଗୋଟେ ନୂଆକଥା ଚିନ୍ତାକଲେ। ଭାବିଲେ, ସେ ମାଗଣାରେ କ୍ରିସ୍‌ମାସ୍ ଟ୍ରି ସଜାଉଛନ୍ତି ବୋଲି ବୋଧେ ଲୋକମାନେ ତାଙ୍କୁ ଡାକୁଛନ୍ତି। ତେଣୁ ସେ ଏଥିପାଇଁ କିଛି ଅର୍ଥ ଦାବି କରିବେ। ଆଉ ତାହା ହିଁ କଲେ। ତେବେ ମଜାର କଥା ତଥାପି ତାଙ୍କ ନିକଟକୁ କ୍ରିସ୍‌ମାସ୍ ଟ୍ରି ସଜେଇବାର ଅଫର ଆସିଲା। ଅଫର ଏତେ ଆସିଲା ଯେ, ସେ ତାଙ୍କ ସାନଭଉଣୀ ଜିଓଭାନାଙ୍କୁ ମଧ ନିଜ ସହିତ ସାମିଲ କଲେ। ସେତିକିନୁହେଁ, ଘଣ୍ଟା ଅନୁଯାୟୀ ସେମାନେ ଅର୍ଥ ଦାବି କରିଥିଲେ। ଘଣ୍ଟାକୁ ସେମାନେ ନେଉଥିଲେ ଭାରତୀୟ ମୁଦ୍ରାରେ ପାଖାପାଖି ଦେଢ଼ହଜାର ଟଙ୍କା। ଯଦିଓ ସେ ଦୁହେଁ ପେସାଦାର କ୍ରିସ୍‌ମାସ୍ ଟ୍ରି ଡିଜାଇନର ନୁହନ୍ତି ; ତଥାପି ଏଥର କ୍ରିସ୍‌ମାସ୍ ସେମାନଙ୍କୁ ଖୁବ୍ ଭଲ ରୋଜଗାର ଦେଇଛି।







ବ୍ୟାକ୍ ପ୍ୟାକ୍

# ଜଣଙ୍କର ଆଖି ନାହିଁ ତ ଆଉ ଜଣଙ୍କର ଗୋଡ, ତଥାପି ଲଙ୍ଘୁଛନ୍ତି ଗିରି

କୁହାଯାଏ ମନୋବଳ ଦୃଢ ଥିଲେ ପଙ୍ଗୁ ବି ଲଙ୍ଘିପାରେ ଗିରି। ସେଇକଥାକୁ ପ୍ରମାଣିତ କରିଦେଖେଇଛନ୍ତି ଦୁଇଜଣ ବନ୍ଧୁ। ସେ ହେଉଛନ୍ତି ମେଲାନୀ ନେକ୍ଟ ଓ ଟ୍ରେଭର୍ ହନ। ଏ ଦୁହେଁ ହେଉଛନ୍ତି ଦିବ୍ୟାଙ୍ଗ। ମେଲାନୀ ଚାଲିପାରୁ ନ ଥିବାବେଳେ ଟ୍ରେଭର୍‌ଙ୍କୁ ଦେଖାଯାଏନା। ହେଲେ ସେମାନେ ମିଶି ଏଭଳି କାମ କରି ଦେଖାଇଛନ୍ତି, ଯାହା ସୁସ୍ଥ ମଣିଷ ପକ୍ଷେ କରିବା ଅସମ୍ଭବ ମନେହୁଏ। କାରଣ ନିକଟରେ ଟ୍ରେଭର୍, ମେଲାନୀଙ୍କୁ ପିଠିରେ ଧରି କଲରାଡୋ ପାହାଡ ଚଢିଛନ୍ତି। ଏହି ଅଭିଯାନବେଳେ ମେଲାନୀ, ଟ୍ରେଭର୍‌ଙ୍କ ଆଖି ସାଜିଥିଲେ ଓ ଟ୍ରେଭର୍ ମେଲାନୀଙ୍କ ପାଇଁ ସାଜିଥିଲେ ଗୋଡ। ଏବେ ଦୁହେଁ ୧୪୦୦୦ ଫୁଟ ଉଚ୍ଚତାବିଶିଷ୍ଟ ପାହାଡ ଚଢିବାକୁ ଯୋଜନା କରିଛନ୍ତି। ମେଲାନୀ କହନ୍ତି, 'ଆମେ ହେଉଛୁ ଦୁଇ ଜଣ। ହେଲେ ଆମର ଦୁଇ ଆଖି ଓ ଦୁଇ ଗୋଡ ଅଛି। ଆମ ମଧ୍ୟରେ ଥିବା ଉତ୍ତମ ତାଳମେଳ ଯୋଗୁ ହିଁ ମୁଁ ତାଙ୍କୁ ରାସ୍ତାର ବିବରଣୀ ପ୍ରଦାନ କଲେ ଟ୍ରେଭର୍ ତାରି ଅନୁସାରେ ଆଗକୁ ବଢି ଚାଲନ୍ତି।' ମେଲାନୀ ଆହୁରି ମଧ୍ୟ କହନ୍ତି, 'ମୁଁ ସ୍ପାଇନା ବିଫିଡା ନାମକ ରୋଗରେ ଆକ୍ରାନ୍ତ ହୋଇ ଜୀବନର ଦୀର୍ଘବର୍ଷ ହ୍ୱିଲ୍ ଚେୟାରରେ ବିତାଇଛି। ଏବେ ଟ୍ରେଭର୍‌ଙ୍କ ସହ ପାହାଡ ବୁଲିବାବେଳେ ବହୁତ ଖୁସି ଲାଗୁଛି।' ଅନ୍ୟପକ୍ଷେ ଟ୍ରେଭର୍‌ଙ୍କ ଦୃଷ୍ଟିଶକ୍ତି ଗ୍ଲୁକୋମା ପାଇଁ ଚାଲି ଯାଇଛି। ଏବେ ଦୁହେଁ ମିଶି ହାଇକିଂ କରୁଛନ୍ତି। ତେବେ ଦୁହିଁଙ୍କର ଦେଖା ଆଡପ୍ଟିଭ ଏକ୍ସରସାଇଜ୍ କ୍ଲାସ୍‌ରେ ହୋଇଥିଲା। ଏହାପରେ ସେମାନେ ମିଶି ପାହାଡ ଚଢିବା ଯୋଜନା କରିଥିଲେ। ଟ୍ରେଭର୍ କହନ୍ତି,'ପାଦରେ ଚାଲି ଚାଲି ପାହାଡ ବୁଲିବାର ମଜା ଅଲଗା।'



# ସବୁଠୁ ବଡ଼ ମାନବ କ୍ରିସ୍‌ମାସ୍ ଟ୍ରି

ପାଖେଇ ଆସିଲାଣି କ୍ରିସ୍‌ମାସ୍। ପ୍ରଭୁ ଯିଶୁଙ୍କ ଜନ୍ମଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଏବେ ବେଶ୍ ତତ୍ପର। କିଏ ଘର ସଜାଉଛନ୍ତି ତ କିଏ ଦିନଟିକୁ ଆନନ୍ଦରେ କଟାଇବା ପାଇଁ କରୁଛନ୍ତି ନାନାଦି ଯୋଜନା। ହେଲେ କ୍ରିସ୍‌ମାସ୍ ଟ୍ରି ବିନା କ୍ରିସ୍‌ମାସ୍ ପାଳନ ଯେମିତି ଅଧୁରା। ତେଣୁ ଘରେ ଘରେ ଏହିଦିନେ ଶୋଭାପାଏ ସୁସଜ୍ଜିତ କ୍ରିସ୍‌ମାସ୍ ଟ୍ରି। ତେବେ ଜାଣନ୍ତି କି ୨୦୧୫, କେରଳର ଚେଙ୍ଗାନୁରରେ ମିଶନ୍ ଚେଙ୍ଗାନୁର ଓ ଶୋଭନା ଜର୍ଜଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଏକ କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମରେ ପୃଥିବୀର ସବୁଠାରୁ ବଡ ମାନବ କ୍ରିସ୍‌ମାସ୍ ଟ୍ରି ତିଆରି କରାଯାଇଥିଲା। ଏଥିରେ ୪୦୩୦ ଜଣ ଅଂଶଗ୍ରହଣ କରିଥିଲେ। ଆଉ ତନ୍ମଧ୍ୟରେ ଅଧିକାଂଶ ଥିଲେ ଚେଙ୍ଗାନୁର ଗାଁ ସ୍କୁଲର ପିଲା। ସବୁଜ, ହଳଦିଆ, ଲାଲ ଓ ବାଦାମୀ ରଙ୍ଗର ପୋଷାକ ପିନ୍ଧି କ୍ରିସ୍‌ମାସ୍ ଟ୍ରି ଆକାରରେ ଠିଆ ହୋଇ ଏହାକୁ ତିଆରି କରାଯାଇଥିଲା। ଆଉ ଦୂରରୁ ଦେଖିଲେ ତାହା ଲାଗୁଥିଲା ସତସତିକା କ୍ରିସ୍‌ମାସ୍ ଟ୍ରି ପରି।

# ୩୬ ବର୍ଷରୁ ୫୦୦ ଲୋକଙ୍କୁ ଖାଇବାକୁ ଦେଉଛନ୍ତି ବାବା





ତାମିଲନାଡୁ, ରାମେଶ୍ୱରମ୍‌ର ୭୦ ବର୍ଷୀୟ ବାବା ସୀତାରାମ ଦାସ। ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ମାନବିକତାର ଜୀବନ୍ତ ପ୍ରତିମା ବୋଲି କୁହାଯାଏ। କାରଣ ୩୬ ବର୍ଷ ହେବ ସେ ପ୍ରତିଦିନ ଲୋକଙ୍କୁ ମାଗଣାରେ ଖାଦ୍ୟ ଖୁଆଇ ଆସୁଛନ୍ତି। ସେ ପୁଣି ଭୋର୍ ୫ଟାରୁ ଉଠି ନିଜେ ରୋଷେଇ କରନ୍ତି। ଆଉ ପ୍ରତିଦିନ ୫୦୦ରୁ ଉର୍ଦ୍ଧ୍ୱ ଲୋକ ତାଙ୍କ ହାତ ରନ୍ଧା ଖାଇଥାଆନ୍ତି। ତାଙ୍କର ଏହି ବଦାନ୍ୟତା ପାଇଁ ଏବେ ସେ ସାରା ଦୁନିଆରେ ପରିଚିତ। ବାବା ସୀତାରାମ 'ବଜରଙ୍ଗ ଦାସ' ନାମକ ଏକ ଆଶ୍ରମ ଚଳାନ୍ତି, ଯେଉଁଠି ସେ ସକାଳ ୫ଟାରୁ ଖାଦ୍ୟ ରାନ୍ଧିବା ଆରମ୍ଭ କରନ୍ତି। ଆଉ ପ୍ରସ୍ତୁତ ହୋଇଗଲା ପରେ ପର୍ଯ୍ୟଟକ ହୁଅନ୍ତୁ ଅବା ତୀର୍ଥଯାତ୍ରୀ ବା କୌଣସି ଗରିବ ଲୋକ ସମସ୍ତଙ୍କୁ ସେ ଡାକି ଖାଦ୍ୟ ପରଷନ୍ତି। ଉକ୍ତ ଆଶ୍ରମ ଲୋକଙ୍କ ଦାନରେ ଚାଲିଛି। ବାବାଙ୍କ ପାଖରେ ୧୦ଜଣିଆ ଏକ ଟିମ୍ ଅଛି। ଯେଉଁମାନେ ଆଶ୍ରମ ଚଳାଇବାରେ ସାହାଯ୍ୟ କରନ୍ତି। ମାଗଣା ଖାଦ୍ୟ ସକାଳ ୧୧.୩୦ରୁ ଦ୍ୱିପ୍ରହର ୨ଟା ପର୍ଯ୍ୟନ୍ତ ଚାଲେ।

